আଜି - ମଙ୍ଗଳବାର
ତାରିଖ - ୨୬ ମଇ ୨୦୨୬
ମାସ - ବୃଷ, ଦିନ - ୧୨
ତିଥି - ଏକାଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ହସ୍ତା, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୧୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ଦେଶ ସ୍ୱାଧୀନ ବୋଲି ଅନୁଭବ କରିବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ଏବଂ ଦେଶର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ।"

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ


E-News : www.Ajikali epaper.com

Vol.- 41 ISSUE- 42 R.N.I. REGD. No. 44026/86 ବାଲେଶ୍ୱର ୨୬ ମଇ ୨୦୨୬ ମଙ୍ଗଳବାର BALASORE 26 MAY 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ପଦ୍ମ ପୁରସ୍କାର ୨୦୨୬ ପ୍ରଦାନ କଲେ ରାଷ୍ଟ୍ରପତି





○ ଦିବଂଗତ ଅଭିନେତା ଧର୍ମେନ୍ଦ୍ରଙ୍କୁ ମିଳିଲା ମରଣୋତର ପଦ୍ମ ବିଭୂଷଣ
○ ଓଡ଼ିଶାରୁ ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ମିଳିଲା ପଦ୍ମଶ୍ରୀ

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି (୨୫ ମଇ, ୨୦୨୬) ରାଷ୍ଟ୍ରପତି ଭବନରେ ପ୍ରଥମ ପର୍ଯ୍ୟାୟ ବେସାମରିକ ଅଳଙ୍କରଣ ସମାରୋହରେ ୨୦୨୬ ବର୍ଷ ପାଇଁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରତର ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଆଜିର ସମାରୋହରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ, ଭାଷାବିତ୍ ତଥା ଲୋକକଥାକାର ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ଡକ୍ଟର ମିଶ୍ର ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତପ୍ରାୟ ଆଦିବାସୀ ଭାଷାକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ କରିବା ଏବଂ ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି । ସେ ଆଦିବାସୀଙ୍କ ବିକାଶ ସହିତ ଆଦିବାସୀ ଭାଷା, ସଂସ୍କୃତି ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଅନେକ ଆଦିବାସୀ ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି । ସମାରୋହରେ ୨ ଜଣଙ୍କୁ ପଦ୍ମ ବିଭୂଷଣ, ୬ ଜଣ ପଦ୍ମ ଭୂଷଣ ଏବଂ ୫୮ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ବିଶିଷ୍ଟ ଅଭିନେତା ତଥା ବଲିଉଡର ହିମ୍ୟାନ୍ ନାମରେ ପ୍ରସିଦ୍ଧ ଧର୍ମେନ୍ଦ୍ର ସିଂହ ଦେଓଲଙ୍କୁ ମରଣୋତର ଭାବେ ପଦ୍ମବିଭୂଷଣ ପ୍ରଦାନ କରାଯାଇଛି । ସେହିପରି କଳା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଶିଷ୍ଟ ବେହେଲା ବାଦିକା ତଥା ସଙ୍ଗୀତଜ୍ଞ ଡକ୍ଟର ଏନ.ରାଜମଙ୍କୁ ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଛି । ସେହିପରି ବିଶିଷ୍ଟ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ବିଶେଷଜ୍ଞ କଲ୍ଲିପଚି ରାମାସାମୀ ପଲାନିସ୍ୱାମୀ ଏବଂ ଉତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ଭଗତ ସିଂହ କୋଶ୍ୟାରୀଙ୍କୁ ପଦ୍ମଭୂଷଣଙ୍କୁ ସମ୍ମାନିତ କରାଯାଇଛି । ବିଶିଷ୍ଟ ବ୍ୟାଙ୍କର ଉଦୟ କୋଟକ, ବିଶିଷ୍ଟ କଳାକାର ଶତବଧାନୀ ଡକ୍ଟର ଆର. ଗଣେଶ, ବିଜୟ କୁମାର ମାଲହୋତ୍ରା (ମରଣୋତର) ଏବଂ ପୀୟୂଷ ପାଣ୍ଡେ (ମରଣୋତର)ଙ୍କୁ ମଧ୍ୟ ପଦ୍ମଭୂଷଣ ପ୍ରଦାନ କରାଯାଇଛି । ପଦ୍ମଶ୍ରୀ ପାଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହର୍ମନପ୍ରୀତ କୌର, ଅଭିନେତା ପ୍ରସେନଜିତ ଚାଟାର୍ଜୀ, ଅରୁଣାଚଳ ପ୍ରଦେଶର ବିଶିଷ୍ଟ ସାମାଜିକ କର୍ମୀ ଟେଚି ଗୁବିନ୍, ଅରବିନ୍ଦ ବୈଦ୍ୟ, ସାମାଜିକ କର୍ମୀ ନୀଲେଶ ବିନୋଦ ଚନ୍ଦ୍ର ମଣ୍ଡେଲୱାଲା, ପାରା କ୍ରୀଡ଼ାବିତ୍ ପ୍ରବୀଣ କୁମାର, ସାହିତ୍ୟିକ ଗମ୍ଭୀର ସିଂ ୟୋଞ୍ଜୋନ୍ ପ୍ରମୁଖ । ଭାରତ ସରକାର ସ୍ୱର୍ଗତ ପ୍ରସିଦ୍ଧ ଅଭିନେତା ଧର୍ମେନ୍ଦ୍ର ସିଂହ ଦେଓଲଙ୍କୁ ମରଣୋତର ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ଅଭିନେତା ତଥା ବିଜେପି ସାଂସଦ ହେମା ମାଳିନୀଙ୍କୁ ପ୍ରଦାନ କରିଛନ୍ତି । ଏହି ସମୟରେ ଧର୍ମେନ୍ଦ୍ରଙ୍କ ଝିଅ ଆହାନା ଦେଓଲ ସମାରୋହରେ ଭାବପ୍ରବଣ ଦେଖାଯାଇଥିଲେ । ପୁରସ୍କାର ଗ୍ରହଣ କରିବା ସମୟରେ ହେମା ମାଳିନୀ ମଧ୍ୟ ଭାବପ୍ରବଣ ହୋଇଯାଇଥିଲେ । ମହିଳା କ୍ରିକେଟ ଦଳର ଅଧିନାୟକ ହରମନପ୍ରୀତ କୌର ଭୁଲ୍ଲରଙ୍କୁ ମଧ୍ୟ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା । ଜନସେବାରେ ଅବଦାନ ପାଇଁ ଭଗତ ସିଂହ କୋଶ୍ୟାରୀଙ୍କୁ ମଧ୍ୟ ପଦ୍ମଭୂଷଣରେ ସମ୍ମାନିତ କରାଯାଇଛି । ଅଭିନେତା ଧର୍ମେନ୍ଦ୍ର ଛଅ ଦଶନ୍ଧି ଧରି ବଲିଉଡରେ ନିଜର ଛାପ ଛାଡିଯାଇଛନ୍ତି । ସେ ଶୋଲେ, ଚରସ, ମେରା ଗାଁ ମେରା ଦେଶ ଏବଂ ଅପନେ ଭଳି ଅନେକ ଉଲ୍ଲେଖନୀୟ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ସିନେମାରେ ତାଙ୍କ ଅବଦାନ ପାଇଁ ଏହି ପୁରସ୍କାର ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ପ୍ରଦାନ କରାଯାଇଛି । ଧର୍ମେନ୍ଦ୍ର ୨୪ ନଭେମ୍ବର ୨୦୨୫ ରେ ୮୯ ବର୍ଷ ବୟସରେ ଦେହାନ୍ତ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ

## ବିଜେପି ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଯୋଗଦେବାକୁ ଆମନ୍ତ୍ରଣ



ଭୁବନେଶ୍ୱର : ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଥିବା ଜଣାପଡିଛି । ଏନେଇ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, "ଓଡ଼ିଶାର ଭିତିଭୂମିର ବିକାଶ, ପୁଞ୍ଜିନିବେଶ ସମ୍ପ୍ରସାରଣ ନେଇ ଆଲୋଚନା ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି । ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଗକୁ ନେବା ସମ୍ପର୍କରେ ଆଲୋଚନା ମଧ୍ୟ ହୋଇଛି । ଏହାସହ ଓଡ଼ିଶାବାସୀଙ୍କ ସେବାରେ ଆମ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସାଦର ଆମନ୍ତ୍ରଣ ଜଣାଇଲି । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ନିମନ୍ତେ ଆନ୍ତରିକ ଧନ୍ୟବାଦ ।

## ଅଳ୍ପରେ ଖବର

▸▸ ଆସନ୍ତା ମଇ ୨୭ ତାରିଖ ବଦଳରେ ୨୮ ତାରିଖରେ ଇଦ୍ -ଉଲ୍-ଜୁହା ପାଇଁ ସରକାରୀ ଛୁଟି ଘୋଷଣା କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି ।

▸▸ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ପଦରୁ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଇସ୍ତଫା ଦେଇଛନ୍ତି । ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ପ୍ରଦୀପ ଜେନା ଜଣାଇଛନ୍ତି ।

▸▸ ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତିଚାରଣ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ମହାନ କଣ୍ଠଶିଳ୍ପୀ, ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି ।

▸▸ ବରିଷ୍ଠ ଆଇପିଏସ ଦୟାଲ ଗଙ୍ଗୱାରଙ୍କ ବଦଳି । ତାଙ୍କୁ ଗୃହ ବିଭାଗ ଓଏସଡି ଦାୟିତ୍ୱ ଦିଆଯାଇଛି । ଏଡିଜିପି କମ୍ୟୁନିକେସନ ପଦରୁ ହଟିଲେ ଗଙ୍ଗୱାର । ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ସେ ବିବାଦୀୟ ହୋଇଥିଲେ ।

# ପଶ୍ଚିମବଙ୍ଗର ଫାଲତା ବିଧାନସଭା ବିଜୟରେ

## ବିଜେପି କର୍ମୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ଫାଲତା ବିଧାନସଭା ଆସନରେ ଭାରତୀୟ ଜନତା ପାର୍ଟି (ବିଜେପି) ର ରେକର୍ଡ ବିଜୟରେ ଖୁସି ବ୍ୟକ୍ତ କରି କହିଛନ୍ତି ଯେ ଏହା ଗଣତନ୍ତ୍ରର ବିଜୟ ଏବଂ ଗୁଣ୍ଡାଗର୍ଦ୍ଦିର ପରାଜୟ । ଏହି ବିଜୟ ପାଇଁ ସେ ପଶ୍ଚିମବଙ୍ଗର ସମସ୍ତ ବିଜେପି କର୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଳମ୍ବିତ ରାତିରେ 'ଏକ୍ସ 'ରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଥିଲେ,' ଫାଲ୍ଟାର ଲୋକମାନେ ସେମାନଙ୍କର ରାୟ ଦେଇଛନ୍ତି ।' ଗଣତନ୍ତ୍ର ଜିତିଛି ଏବଂ ଧମକ ଦେଉଥିବା ଶକ୍ତି ହାରିଛି । ରେକର୍ଡ ବ୍ୟବଧାନରେ ବିଜୟୀ ହୋଇଥିବାରୁ ଶ୍ରୀ ଦେବାଙ୍ଗସୁ ପାଣ୍ଡା ଜୀଙ୍କୁ ଅଭିନନ୍ଦନ । ଏହା ବିଜେପି ଉପରେ ପଶ୍ଚିମବଙ୍ଗର ଲୋକଙ୍କ ଅତୁଟ ବିଶ୍ୱାସକୁ ଦର୍ଶାଉଛି । ଲୋକମାନେ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପ୍ରତ୍ୟେକ



କ୍ଷେତ୍ରରେ କରାଯାଉଥିବା ଉତ୍କୃଷ୍ଟ କାର୍ଯ୍ୟକୁ ଦେଖୁଛନ୍ତି ଏବଂ ସେଥିପାଇଁ ସେମାନେ ଆମକୁ ସେମାନଙ୍କ ଆଶୀର୍ବାଦ ଦେବାକୁ ନିଷ୍ପତି ନେଇଛନ୍ତି । ଅନ୍ୟ ଏକ ପୋଷ୍ଟରେ ସେ ଲେଖିଛନ୍ତି, ପଶ୍ଚିମବଙ୍ଗର ସମସ୍ତ ବିଜେପି କାର୍ଯ୍ୟକର୍ତାଙ୍କୁ ସେମାନଙ୍କ ଚମତ୍କାର କାର୍ଯ୍ୟ ପାଇଁ ମୋର ଅଭିନନ୍ଦନ । ଆଗାମୀ ସମୟରେ ପଶ୍ଚିମବଙ୍ଗର ପ୍ରଗତି ପାଇଁ ଆମେ କାର୍ଯ୍ୟ ଜାରି ରଖିବୁ । ଫାଲ୍ଟାଙ୍କ ବିଜୟ ବିଜେପି ଉପରେ ପଶ୍ଚିମବଙ୍ଗର ଲୋକଙ୍କ ଅତୁଟ ବିଶ୍ୱାସର ପ୍ରମାଣ । ପଶ୍ଚିମବଙ୍ଗର ସମସ୍ତ ବିଜେପି କାର୍ଯ୍ୟକର୍ତାଙ୍କୁ ସେମାନଙ୍କ ଅସାଧାରଣ ପ୍ରୟାସ ପାଇଁ ମୁଁ ଅଭିନନ୍ଦନ ଜଣାଉଛି ।

# ଇବୋଲା ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡା



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଏଠାରେ ଆଫ୍ରିକାର କେତେକ ଭାଗରେ ନିକଟରେ ଦେଖାଦେଇଥିବା ଇବୋଲା ରୋଗର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ଏହି ରୋଗର ପ୍ରସ୍ତୁତି ଏବଂ ନିରୀକ୍ଷଣ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଛନ୍ତି । ପ୍ରାରମ୍ଭରେ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ 'ଭାରତରେ ଏ ପର୍ଯ୍ୟନ୍ତ ବୁଣ୍ଡିବୁଗିୟୋ ଇବୋଲା ରୋଗର କୌଣସି ମାମଲା ରିପୋର୍ଟ ହୋଇନାହିଁ ।' ତେବେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁ. ଏଚ୍. ଓ.) ଦ୍ୱାରା ଇବୋଲାକୁ ଅନ୍ତର୍ଜାତୀୟ ଚିନ୍ତାର ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି (ପିଏଚ୍. ଇ. ଆଇ. ସି.) ଏବଂ ଆଫ୍ରିକା ସି. ଡି. ସି. ଦ୍ୱାରା ମହାଦେଶୀୟ ସୁରକ୍ଷାର ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି (ପିଏଚ୍. ଇ. ସି. ଏସ୍.) ଭାବରେ ଘୋଷଣା କରାଯିବା ପରେ, ଭାରତ ସରକାର ଆଫ୍ରିକାରେ ଇବୋଲା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ବ୍ୟାପକ ସତର୍କତା ଭାବରେ ସାରା ଦେଶରେ ତଦାରଖ ଏବଂ ପ୍ରସ୍ତୁତି ପଦକ୍ଷେପକୁ ତ୍ୱରାନ୍ୱିତ କରିଛନ୍ତି । ଶ୍ରୀ ନଡ୍ଡା ଉଲ୍ଲେଖ କରିଥିଲେ ଯେ ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନସିଡିସି), ଡିଜିଏଚଏସ, ଆଇସିଏମଆର, ବେସାମରିକ ବିମାନ ଚଳାଚଳ, ଇମିଗ୍ରେସନ କର୍ତ୍ତୃପକ୍ଷ ଏବଂ ଅନ୍ୟ ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି ସାରା ଦେଶରେ ନିରୀକ୍ଷଣ ଏବଂ ଜନସ୍ୱାସ୍ଥ୍ୟ ପ୍ରସ୍ତୁତିକୁ ସୁଦୃଢ଼ କରିଛି । 'ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ପ୍ରବେଶର ଅନ୍ୟାନ୍ୟ ପଏଂଟରେ ବର୍ଦ୍ଧିତ ସ୍କ୍ରିନିଂ ଏବଂ ତଦାରଖ ପଦକ୍ଷେପ ଆରମ୍ଭ କରାଯାଇଛି, ଏବଂ ସ୍କ୍ରିନିଂ, କ୍ୱାରାଂଟାଇନ୍, କ୍ଲିନିକାଲ୍ ମ୍ୟାନେଜମେଂଟ, ଲାବୋରେଟୋରୀ ପରୀକ୍ଷା ଏବଂ ସଂକ୍ରମଣ ପ୍ରତିରୋଧ ଅଭ୍ୟାସ ଉପରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର୍ (ଏସ୍‌ଓପି) ସହିତ ପରାମର୍ଶ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ସହିତ ସେୟାର କରାଯାଇଛି ।' ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ପଦକ୍ଷେପ ସମୀକ୍ଷା କରିବାକୁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଏବଂ ସମ୍ପୃକ୍ତ ଅଂଶୀଦାରମାନଙ୍କ ସହିତ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଛି ।

# ମେଘାଳୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା

## ମାତୃଭାଷା ମାଧ୍ୟମରେ ଶିକ୍ଷାଦାନକୁ ଗୁରୁତ୍ୱ

ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଏବଂ 'ଜାତୀୟ ଶିକ୍ଷା ନୀତି'ର ସଫଳ ରୂପାୟନ ନେଇ ମେଘାଳୟର ମୁଖ୍ୟମନ୍ତ୍ରୀ ଶ୍ରୀ କନରାଡ଼ ସାଙ୍ଗମାଙ୍କ ସହ ଏକ ସାରଗର୍ଭକ ଓ ଗଠନମୂଳକ ଆଲୋଚନା କରିଛନ୍ତି । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଶେଷ ଭାବେ ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ମଡେଲ୍ କୁ ପ୍ରଶଂସା କରିଛନ୍ତି । ମେଘାଳୟରେ ଆନୁଷ୍ଠାନିକ ଶିକ୍ଷା ସହିତ କ୍ରୀଡ଼ା, ଶାରୀରିକ ଶିକ୍ଷା, ଉଦ୍ୟାନ କୃଷି ଏବଂ ସ୍ଥାନୀୟ ଜୀବିକା ସୁଯୋଗକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଙ୍ଗମାଙ୍କ ପ୍ରୟାସ ଏକ ସାମଗ୍ରିକ ଓ ସାଂସ୍କୃତିକ ଆଭିମୁଖ୍ୟର ପ୍ରତୀକ ବୋଲି ସେ କହିଛନ୍ତି । ଏହାସହ ରାଜ୍ୟରେ ଶିକ୍ଷଣ ଫଳାଫଳର ସୁଧାର କରିବା ଏବଂ ସ୍ଥାନୀୟ ମାତୃଭାଷା 'ଖାସି' ଓ 'ଗାରୋ' ମାଧ୍ୟମରେ ପ୍ରାଥମିକ



ଶିକ୍ଷାକୁ ମଜଭୁତ କରିବା ଉପରେ ମୁଖ୍ୟମନ୍ତ୍ରୀ ଦେଉଥିବା ଗୁରୁତ୍ୱକୁ ସେ ସ୍ୱାଗତ କରିଛନ୍ତି । ଯୁବପିଢ଼ିଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ପାରମ୍ପରିକ ଜ୍ଞାନ ସହ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଚିନ୍ତାଧାରା ଭଳି ଆଧୁନିକ ବିଷୟକୁ ଶିକ୍ଷାଦାନରେ ଯୋଡ଼ିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଭବିଷ୍ୟତବାଦୀ ଏବଂ ସମାବେଶୀ ପ୍ରୟାସ 'ବିକଶିତ ଭାରତ ୨୦୪୭' ସଂକଳ୍ପକୁ ସାକାର କରିବା ସହ ଏକ ଦକ୍ଷ, ଆତ୍ମବିଶ୍ୱାସୀ ଏବଂ ସଶକ୍ତ ପିଢ଼ି ଗଠନରେ ଏକ ଦୃଢ଼ ସ୍ତମ୍ଭ ସାଜିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ଏହା ସହିତ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଇ ଇଂଟରନ୍ୟାସନାଲ୍ ଏଜୁକେସନ୍ ଗ୍ରୁପ୍ ର ଅଧ୍ୟକ୍ଷା ଡକ୍ଟର ଶିଳ୍ପୀ ସାହୁଙ୍କ ସହ ମଧ୍ୟ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ନେଇ ଆଲୋଚନା କରିଛନ୍ତି । ଏହି ବୈଠକରେ ଛାତ୍ରଛାତ୍ରୀଙ୍କ ଭିତିଭୂମି ଶିକ୍ଷାକୁ ମଜଭୁତ କରିବା, ଶିକ୍ଷାକୁ ଅଧିକ ଦକ୍ଷତା-ଭିତିକ କରିବା, ଭାରତୀୟ ଭାଷାଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଅଂଶଗ୍ରହଣ ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା ।

# ମଡେଲ ଭିଲେଜ ମିଶନ ଓ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ କଲେ ମନ୍ତ୍ରୀ ରବି ନାୟକ

ଭୁବନେଶ୍ୱର : ଗ୍ରାମୀଣ ରୂପାନ୍ତରଣ ଦିଗରେ ବଡ଼ ପଦକ୍ଷେପ । ରାଜ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନାର ଶୁଭାରମ୍ଭ ହୋଇଛି । 'ମଡେଲ ଭିଲେଜ ମିଶନ' ଓ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭାରମ୍ଭ କରିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ । ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ (କମୁନିଟି ସ୍ପେସ) ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି । ଏହା କେବଳ ସହରାଂଚଳ ସ୍ତରର ସୁବିଧା ପ୍ରଦାନ କରି ରାଜ୍ୟର ଗ୍ରାମାଂଚଳଗୁଡ଼ିକୁ ସଶକ୍ତ କରିବ ନାହିଁ, ବରଂ ସେଗୁଡିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ




କରିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୭୩୩ଟି ଗ୍ରାମ ପଂଚାୟତର ସମସ୍ତ ସଦର ଗ୍ରାମକୁ ୨୦୨୯ ସୁଦ୍ଧା ସମସ୍ତ ଆବଶ୍ୟକ ଭିତିଭୂମି ଓ ସୁବିଧା ଦିଆଯିବ । ଏହି ଲକ୍ଷ୍ୟ ପୂରଣର ପ୍ରଥମ ପଦକ୍ଷେପ ଭାବେ ଗ୍ରାମ ସ୍ତରରେ ଭିତିଭୂମି ଓ ସୁବିଧାର ଅଭାବ ଚିହ୍ନଟ କରିବା ପାଇଁ ଏକ ବେସଲାଇନ ସର୍ଭେ କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଶକ୍ତି ବିଭାଗ ଇତ୍ୟାଦି ସମସ୍ତ ଅଂଶୀଦାର ବିଭାଗ ସହ ପରାମର୍ଶ କରି ସର୍ଭେ ପାଇଁ ଏକ ନିର୍ଦ୍ଧାରିତ ଫର୍ମାଟ ପ୍ରସ୍ତୁତ କରାଯାଇଛି । ମନ୍ତ୍ରୀ ଏହି ସର୍ଭେ ଫର୍ମାଟକୁ ଉନ୍ମୋଚନ କରିଛନ୍ତି । ବେସଲାଇନ ସର୍ଭେର ଆରମ୍ଭ ସହିତ 'ମଡେଲ ଭିଲେଜ ମିଶନ'ର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ପଂଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର-କମ୍-ସଚିବ ଗିରିଶ ଏସ୍.ଏନ୍.ଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଂଶୀଦାର ବିଭାଗର ପ୍ରତିନିଧିମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି । ସେହିପରି ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସଦସ୍ୟ ଭାବେ ନେଇ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବାର ବ୍ୟବସ୍ଥା ରହିଛି । ସେହିପରି ମନ୍ତ୍ରୀ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ମଧ୍ୟ ଶୁଭାରମ୍ଭ କରିଥିଲେ ।



# ସୁନାମି ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ଅନୁଷ୍ଠିତ





ବାଲେଶ୍ୱର,(ନି.ପ୍ର.): ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ମିଳିତ ପ୍ରୟାସ ପ୍ରୟାସରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଚାନ୍ଦିପୁର ପଂଚାୟତ ର ମିର୍ଜ୍ଜାପୁର ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଅନ୍ୟ ୩ ଗୋଟି ଗ୍ରାମ ଯଥା ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ଗ୍ରାମରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ମିର୍ଜ୍ଜାପୁର ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଉଦଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ମକ ଡ୍ରିଲରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ମକଡ୍ରିଲରେ, ପ୍ରତ୍ୟେକ ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନୱାଡି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଉକ୍ତ ମକଡ୍ରିଲରେ ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରାତଃ ୮ ଘଟିକା ଠାରୁ ୧୧ ଘଟିକା ମଧରେ ପ୍ରସାରଣ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁନାମୀ ପ୍ରସ୍ତୁତି, ଏହାର ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନା' ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ଥିଲା । ଏହି ଅଭ୍ୟାସ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରିବା, ନିଶ୍ଚରି ନେବା, ଉପକୂଳବର୍ତ୍ତୀ ସମ୍ପ୍ରଦାୟରେ ସତର୍କତା ପ୍ରସାରଣ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା । ଏହାଦ୍ୱାରା କିପରି ଜରୁରୀ କାଳୀନ ପ୍ରତିକ୍ରିୟା ଯୋଜନାକୁ ସୁଦୃଢ କରିବା, ସମ୍ପ୍ରଦାୟ ସଚେତନତା ବୃଦ୍ଧି କରିବା ଏବଂ ସୁନାମୀ ପ୍ରସ୍ତୁତ କାର୍ଯ୍ୟକ୍ରମ ସୂଚକ ଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ କରିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ମିର୍ଜ୍ଜାପୁର ଓ ଭୀମପୁର ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏନ.ଡି.ଆର.ଏଫ, ଓ.ଡ୍ରା.ଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଏହି ଅବସରରେ ଓସଡାମା (ଙଝଉଗଇ) କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ମେଘନାଦ ବେହେରା ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଚାନ୍ଦିପୁର, ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଂଚ ଓ ସମ୍ପାଦକ, ଅତିରିକ୍ତ ଗୋଷ୍ଠୀ ଉନୟନ୍ନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବାଲେଶ୍ୱର , ଶ୍ରୀ ଚିନ୍ମୟ କୁମାର ରାଉତ, ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କର ସମ୍ପାଦକ ଶ୍ରୀ ପ୍ରଦୀପ ଜେନା ଆନନ୍ଦ କୁମାର ବେହେରା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ଉକ୍ତ ମକଡ୍ରିଲରେ ମୋ ଭାରତ ଓ ଅପଦ ମିତ୍ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

# ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରଶାସନର ମେଗା ଉଚ୍ଛେଦ

## ଭାଙ୍ଗିଲା ୨୦୦ରୁ ଅଧିକ ଦୋକାନ ଗୃହ, ୩ ପ୍ଲାଟୁନ୍ ଫୋର୍ସ ମୁତୟନ



ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ସହରର ରାସ୍ତା ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଥିଲା । ସହରର ବ୍ୟସ୍ତବହୁଳ ଷ୍ଟେସନ ଛକରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ପାଇଁ ବୁଲଡୋଜର ଚଲାଇ ପ୍ରାୟ ୨୦୦ରୁ ଅଧିକ ବେଆଇନ ଦୋକାନ ଗୃହ ଓ ଅସ୍ଥାୟୀ ନିର୍ମାଣକୁ ଭଙ୍ଗାଯାଇଛି ।ଦୀର୍ଘଦିନ ଧରି ରାସ୍ତା କଡ଼ରେ ଜବରଦଖଲ ଯୋଗୁଁ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଥିଲା । ଫଳରେ ସହରରେ ପ୍ରାୟ ପ୍ରତିଦିନ ଟ୍ରାଫିକ ଜାମ୍ ସମସ୍ୟା ଦେଖାଯାଉଥିଲା । ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ନୋଟିସ ଜାରି କରାଯାଇଥିଲା । ସୋମବାର ଏକାଧିକ ଜେସିବି ମେସିନ ସହାୟତାରେ ପକ୍କା ଓ ଅସ୍ଥାୟୀ ନିର୍ମାଣଗୁଡ଼ିକୁ ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି ।ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ନ ସୃଷ୍ଟି ହେବା ପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଘଟଣାସ୍ଥଳରେ ପ୍ରାୟ ୩୦ ଜଣ ପୋଲିସ ଅଧିକାରୀଙ୍କ ସହ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରୁଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଗତ ଡିସେମ୍ବର ୨୪ ତାରିଖରେ କୋର୍ଟ ନିର୍ଦ୍ଦେଶ ପରେ ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ସେତେବେଳେ ତିନୋଟି ମାର୍କେଟ କମ୍ପ୍ଲେକ୍ସର ୧୮୮ ବ୍ୟବସାୟୀଙ୍କ ଦୁଇ ମହଲା ବିଶିଷ୍ଟ ଦୋକାନ ଗୃହକୁ ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯାଇଥିଲା । ଆଜି ବାକି ଥିବା ଦୋକାନ ଗୃହ ଉପରେ ପୁନର୍ବାର ଉଚ୍ଛେଦ କାର୍ଯ୍ୟ ଚାଲିଛି ।ଏପରିକି ବିକାଶ କାର୍ଯ୍ୟକୁ ବିରୋଧ ନ କରି ବ୍ୟବସାୟୀମାନଙ୍କ ପୁନର୍ବାସ ଓ ଥଇଥାନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବ୍ୟବସାୟୀ ସଂଘ ଓ ବୁଦ୍ଧିଜୀବୀମାନେ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି । ପ୍ରଶାସନର ଏହି ପଦକ୍ଷେପ ଫଳରେ ଆଗାମୀ ଦିନରେ ବାଲେଶ୍ୱର ସହରର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ସହ ସହରର ଯାତାୟାତ ବ୍ୟବସ୍ଥା ଆହୁରି ସୁବ୍ୟବସ୍ଥିତ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି ।

# ରାସ୍ତା କଡ଼ରୁ ମୃତ ହରିଣ ଉଦ୍ଧାର



ବାଲେଶ୍ୱର,(ନି.ପ୍ର.): ଜାତୀୟ ରାଜପଥ କଡ଼ରୁ ଏକ ମୃତ ଚିତ୍ରା ହରିଣ ଉଦ୍ଧାର ହେବା ଘଟଣା ଅଂଚଳରେ ଚଂଚଳତା ସୃଷ୍ଟି କରିଛି । ୬୦ ନମ୍ବର ଜାତୀୟ ରାଜପଥର ନିଧିପଣ୍ଡା ଛକ ନିକଟରେ ରାସ୍ତା କଡ଼ରେ ଥିବା ଏକ ବୁଦାମୂଳରୁ ହରିଣଟିର ମୃତଦେହ ଉଦ୍ଧାର କରାଯାଇଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ହରିଣଟିର ମୁହଁରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ଦେଖାଯାଇଥିଲା । ଘଟଣାସ୍ଥଳ ଓ ଏହାର ଆଖପାଖ ଅଂଚଳରେ କୌଣସି ବଡ଼ ଜଙ୍ଗଲ ନଥିବା ସହ ପୂର୍ବରୁ ଏଠାରେ ବନ୍ୟଜନ୍ତୁ ଦେଖାଯାଇନଥିବାରୁ ଘଟଣାଟି ଚୋରା ଚାଲାଣ ସହ ଜଡିତ ଥିବା ସନ୍ଦେହ କରାଯାଉଛି ।ଆଶଙ୍କା କରାଯାଉଛି ଯେ, କୌଣସି ଦୁର୍ବୃତ୍ତ ହରିଣଟିକୁ ବେଆଇନ ଭାବେ ଚୋରା ଚାଲାଣ କରୁଥିବା ବେଳେ ପୋଲିସ ଧରପଗଡ଼ ଭୟରେ ରାସ୍ତା କଡ଼ରେ ଫିଙ୍ଗି ପଳାଇଥାଇପାରେ । ରାଜପଥ କଡ଼ରେ ମୃତ ହରିଣ ପଡ଼ିଥିବା ଦେଖି ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା ।ଖବର ପାଇ ବସ୍ତା ଥାନା ଅଧୀନ ହଳଦୀପଦା ଫାଣ୍ଡି ପୋଲିସ ଓ ବନ ବିଭାଗ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ହରିଣଟିର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.) ଆଜି ସକାଳ ଘ: ୭ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଔପଦା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଔପଦା ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୮୩ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧରୁ ୭୨ ଗୋଟି ବ୍ୟକ୍ତିଗତ ଓ ୧୧ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ... ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୮ ଗୋଟି ଅଭିଯୋଗ... ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ... ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକା... ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକ... ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମ... ସିଂହ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ, ବିଡିଓ, ଔପଦା ଶ୍ରୀମତୀ ଶାଶ୍ୱତୀ ସାଧୁଆଳ, ତହସିଲଦାର, ଔପଦା ଶ୍ରୀମତୀ ପ୍ରଜ୍ଞା ପରମିତାଙ୍କ ସହିତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ

## ମାର୍କେଟ କମ୍ପ୍ଲେକ୍ସରେ ଜଳିଗଲା ୧୫ରୁ ଅଧିକ ଦୋକାନ



ଜଳେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହରର ପଶ୍ଚିମବାଡ଼ ମାର୍କେଟ କମ୍ପ୍ଲେକ୍ସରେ ବିଳମ୍ବିତ ରାତିରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୫ରୁ ଅଧିକ ଦୋକାନ ଘର ଜଳି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି ।

ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୩ଟା ୩୦ ମିନିଟ ସମୟରେ ପଶ୍ଚିମବାଡ଼ ମାର୍କେଟ କମ୍ପ୍ଲେକ୍ସର ଏକ ଦୋକାନରେ ହଠାତ୍ ନିଆଁ ଲାଗିଥିଲା । କିଛି ସମୟ ମଧରେ ନିଆଁ ଆଖପାଖ ଦୋକାନଗୁଡ଼ିକୁ ବ୍ୟାପିଯାଇଥିଲା । ନିଆଁର ପ୍ରକୋପ ଏତେ ଭୟାବହ ଥିଲା ଯେ ଦେଖିଦେଖି ୧୫ରୁ ଅଧିକ ଦୋକାନ ଘର ହୁତୁହୁତୁ ଜଳିବାକୁ ଲାଗିଥିଲା ।ଘଟଣା ଦେଖି ସ୍ଥାନୀୟ ଲୋକମାନେ ପ୍ରଥମେ ନିଜସ୍ତରରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ପରେ ଜଳେଶ୍ୱର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଖବର ପାଇ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଂଚି ଦୀର୍ଘ ଦୁଇ ଘଂଟାରୁ ଅଧିକ ସମୟ ଧରି ଉଦ୍ୟମ କରି ନିଆଁକୁ ଆୟତ କରିଥିଲେ ।ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# 'ଈଦ୍-ଉଲ୍-ଜୁହା' (ବକ୍ରିଦ୍) ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ




ବାଲେଶ୍ୱର,(ନି.ପ୍ର.)ଆଗାମୀ ପବିତ୍ର 'ଈଦ୍-ଉଲ୍-ଜୁହା' ବା ବକ୍ରିଦ୍ ପର୍ବକୁ ସମଗ୍ର ବାଲେଶ୍ୱର ସହରରେ ଶାନ୍ତି, ମୈତ୍ରୀ ଏବଂ ସାମ୍ପ୍ରଦାୟିକ ସଦ୍ଭାବନାର ସହ ପାଳନ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ଶାନ୍ତି କମିଟି (ଚରବମର ଉକ୍ଟଙ୍କଙ୍କସପ୍ର-ସ୍ଥରର) ବୈଠକ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆଜି ଅପରାହ୍ନ ୫ ଘଟିକା ସମୟରେ ଆରମ୍ଭ ହୋଇଥିବା ଏହି ସମୀକ୍ଷା ତଥା ସଦ୍ଭାବନା ବୈଠକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ ଏବଂ ମୁସଲିମ୍ ସମ୍ପ୍ରଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମାଜସେବୀ ଯୋଗ ଦେଇଥିଲେ । ବାଲେଶ୍ୱରର ସମ୍ମାନୀୟ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଂଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ, ଉପ ଜିଲ୍ଲାପାଳ ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ସଦର ଝଉଚଙ, ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ନାଏକ ପ୍ରମୁଖ ଏହି ଉଚ୍ଚସ୍ତରୀୟ ବୈଠକରେ ମଂଚାସୀନ ଥିଲେ । ଏହା ସହିତ ସହର ତଥା ଆଖପାଖ ଅଂଚଳର ବିଭିନ୍ନ ମସଜିଦ୍ କମିଟିର ସଭାପତି, ସମ୍ପାଦକ, ମୌଲାନା ଏବଂ ମୁସଲିମ୍ ସମ୍ପ୍ରଦାୟର ଶତାଧିକ ସଦସ୍ୟ ଏହି ବୈଠକରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ପର୍ବକୁ ସୂଚାରୁରୂପେ ପାଳନ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ପବିତ୍ର ବକ୍ରିଦ୍ ଉତ୍ସବ ଆସନ୍ତା ମେ ୨୮, ୨୯ ଏବଂ ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରାଯିବ । ଏହି ଅବସରରେ ମସଜିଦ୍ ଏବଂ ଈଦ୍‌ଗାହଗୁଡ଼ିକରେ ସମୂହ ନମାଜ ପାଠ ସହ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇବାର ପରମ୍ପରା ରହିଛି । ବାଲେଶ୍ୱରର ସଂସ୍କୃତି ସଦାସର୍ବଦା ଭାଇଚାରାର ସଂସ୍କୃତି ହୋଇଥିବାରୁ, ଏହି ତିନି ଦିନ କିପରି ସହରରେ ସୁରକ୍ଷା ଓ ଶାନ୍ତିର ମାହୋଲ ବଜାୟ ରହିବ, ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବୈଠକରେ ଅଧକ୍ଷତା କରି ବାଲେଶ୍ୱର ଜିଲ୍ଲାପାଳ କହିଛନ୍ତି ଯେ, 'ବାଲେଶ୍ୱର ହେଉଛି ଅମାୟିକ ସଦ୍ଭାବନାର ସହର । ଏଠାରେ ସମସ୍ତ ସମ୍ପ୍ରଦାୟର ଲୋକେ ମିଳିମିଶି ପ୍ରତ୍ୟେକ ପର୍ବପର୍ବାଣୀ ପାଳନ କରିଥାନ୍ତି । ଆଗାମୀ ମେ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଈଦ୍-ଉଲ୍-ଜୁହା ପର୍ବକୁ ଅତି ଆନନ୍ଦ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ସମସ୍ତ ମସଜିଦ୍ ନିକଟରେ ସ୍ୱଚ୍ଛତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଶୁଦ୍ଧ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।' ଜନସାଧାରଣ ଯେପରି କୌଣସି ପ୍ରକାରର ଗୁଜବ ଉପରେ ବିଶ୍ୱାସ ନ କରନ୍ତି ଏବଂ ସୋସିଆଲ ମିଡିଆରେ କୌଣସି ଆପତିଜନକ ପୋଷ୍ଟ ସେୟାର ନ କରନ୍ତି, ସେଥିପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ (ଝଚ) ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଉତ୍ସବ ସମୟରେ ସହରର ସମସ୍ତ ସମ୍ବେଦନଶୀଳ ଅଂଚଳ, ମସଜିଦ୍ ଏବଂ ଜନଗହଳି ପୂର୍ଣ୍ଣ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ । ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ପାଇଁ ଦିନରାତି ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ସେ କହିଛନ୍ତି, 'ପୋଲିସ ପ୍ରଶାସନ ଜନସାଧାରଣଙ୍କ ସୁରକ୍ଷା ପାଇଁ ସଦା ପ୍ରସ୍ତୁତ । କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।' ଏହି ସମୟରେ ବାଣ ଏବଂ ଡିଜେ କୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କର ଯାଇଛି । ଅପରାହ୍ନ ୪.୦୦ ଘଟିକା ରୁ ରାତି ୧୦.୦୦ ଘଟିକା ପର୍ଯ୍ୟନ୍ତ ବକ୍ରିଦ୍ ପାଳନ କରିବା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ସମୟ ସୀମା ଧାର୍ଯ୍ୟ କରାଯାଇଛି ।

ବୈଠକରେ ଉପସ୍ଥିତ ଥିବା ମୁସଲିମ୍ ସମ୍ପ୍ରଦାୟର ବରିଷ୍ଠ ନେତୃବୃନ୍ଦ ଏବଂ ଈଦ୍?ଗାହ କମିଟିର ସଦସ୍ୟମାନେ ଜିଲ୍ଲା ପ୍ରଶାସନର ଏହି ଆଗୁଆ ପଦକ୍ଷେପକୁ ସ୍ୱାଗତ କରିଥିଲେ । ସେମାନେ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାର ପ୍ରତିଶ୍ରୁତି ଦେବା ସହ କହିଥିଲେ ଯେ, ବକ୍ରିଦ୍ ହେଉଛି ତ୍ୟାଗ, ଦୟା ଏବଂ ମାନବିକତାର ପର୍ବ । ବାଲେଶ୍ୱରର ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟ ମଧରେ ଥିବା ସଦ୍ଭାବନାକୁ କେହି କେବେ ଭଙ୍ଗ କରିପାରିବେ ନାହିଁ । ପର୍ବକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରାଯିବ ବୋଲି ସେମାନେ ସମବେତ ସ୍ୱରରେ ପ୍ରକାଶ କରିଥିଲେ ।

# ବାଲେଶ୍ୱରରେ ତାତିର ତାଣ୍ଡବ: ଜନଜୀବନ ଅସ୍ତବ୍ୟସ୍ତ, ରାସ୍ତାଘାଟ ଜନଶୂନ୍ୟ




ବାଲେଶ୍ୱର, (ନି.ପ୍ର.): ଆଜି ବାଲେଶ୍ୱର ସହରରେ ପ୍ରଚଣ୍ଡ ଖରା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୯ଟାରୁ ହିଁ ସୂର୍ଯ୍ୟଙ୍କ ପ୍ରଖର ତାପ ଯୋଗୁଁ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି । ଆଜି ସହରର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଏହା ୫୦ ଡିଗ୍ରୀ ସେଲସିୟସ ପରି ଅନୁଭୂତ ହେଉଛି । ଗ୍ରୀଷ୍ମ ପ୍ରବାହ ସହ ଦକ୍ଷିଣ-ପୂର୍ବ ଦିଗରୁ ଘଂଟାପ୍ରତି ୧୩ ମାଇଲ ବେଗରେ ଗରମ ପବନ ବହୁଛି ।ସୂଚନାଯୋଗ୍ୟ ଯେ, ଗତବର୍ଷ ଅର୍ଥାତ୍ ୨୦୨୫ ମସିହା ମେ' ମାସରେ ବାଲେଶ୍ୱରର ହାରାହାରି ସର୍ବାଧିକ ତାପମାତ୍ରା ଥିଲା ୩୭.୪ସ୍ୱଉ ବା ୯୯.୩ସ୍ୱର ଥିଲା । ସେହି ତୁଳନାରେ ଚଳିତ ବର୍ଷ ତାପମାତ୍ରା ସାମାନ୍ୟ କମ୍ ଥିଲେ ମଧ ଆର୍ଦ୍ରତା ୬୭% ରହିବା ଯୋଗୁଁ ଗୁଳୁଗୁଳି ଅସହ୍ୟ ହୋଇପଡିଛି । ଆଜି ସର୍ବନିମ୍ନ ତାପମାତ୍ରା ୨୯ସ୍ୱଉ ରହିବା ସମ୍ଭାବନା ଅଛି ।ପ୍ରଚଣ୍ଡ ଗରମ ଯୋଗୁଁ ବଜାରରେ ଲସି-ପଇଡ଼ ବିକ୍ରି ବୃଦ୍ଧି ପାଇଛି ସତ କିନ୍ତୁ ରାସ୍ତାଘାଟ ଖାଁ ଖାଁ ହୋଇପଡିଛି । ପ୍ରଚଣ୍ଡ ଖରା ତାତି ଯୋଗୁଁ ସହରର ମୁଖ୍ୟ ରାସ୍ତା ଷ୍ଟେସନ ଛକ, ଫାଣ୍ଡି ଛକ, ସିନେମା ଛକ ଓ ରେମୁଣା ଗୋଲେଇ ଦିନ ୧୧ଟା ପରେ ଜନଶୂନ୍ୟ ହୋଇପଡିଛି । ଅତ୍ୟାବଶ୍ୟକ କାମ ନଥିଲେ ଲୋକେ ଘରୁ ବାହାରୁ ନାହାନ୍ତି । ଅପରପକ୍ଷେ ଲସି, ସର୍ବତ, ମୃଦୁ ପାନୀୟ, ପଇଡ଼ ପାଣି ଓ ଆଇସ୍କ୍ରିମ୍ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମୁଛି । ଦୋକାନୀଙ୍କ କହିବା ଅନୁସାରେ ଗତ ସପ୍ତାହ ତୁଳନାରେ ବିକ୍ରି ପ୍ରାୟ ୩ ଗୁଣା ବଢ଼ିଛି । ବିଶେଷକରି ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ପଇଡ଼ ଓ ଲସି ପାଇଁ ଲୋକେ ଧାଡି ଲଗାଉଛନ୍ତି ।ଅତ୍ୟଧିକ ଗରମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ସତର୍କ ସୂଚନା ଓ ପରାମର୍ଶ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଅତ୍ୟାବଶ୍ୟକ ନହେଲେ ଦିନ ୧ଟାରୁ ୪ଟା ଯାଏଁ ଘରୁ ନ ବାହାରିବାକୁ କହିଛନ୍ତି । ୟୁଭି ଇଣ୍ଡେକ୍ସ ଆଜି ୧୦ ଅର୍ଥାତ୍ 'ଅତ୍ୟନ୍ତ ଉଚ୍ଚ' ସ୍ତରରେ ରହିଛି, ତେଣୁ ଖାଲି ଦେହରେ ଖରାକୁ ଗଲେ ସନ୍ ଷ୍ଟ୍ରୋକ୍ ଆଶଙ୍କା ରହିଛି । ଅଧିକ ପାଣି ପିଇବା, ହାଲୁକା ସୂତା ପୋଷାକ ପିନ୍ଧିବା ଓ ବାହାରକୁ ଗଲେ ଛତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।ପାଣିପାଗ ବିଭାଗ ସୂଚନା ଅନୁସାରେ ଆସନ୍ତା ୨ ଦିନ ଯାଏଁ ତାପମାତ୍ରା ୩୬ସ୍ୱଉ ଆଖପାଖରେ ରହିବ । ଆକାଶ ଆଂଶିକ ମେଘୁଆ ରହିଲେ ମଧ ବର୍ଷାର ସମ୍ଭାବନା ମାତ୍ର ୨୪% ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଶହୀଦ ପାର୍କ ଅଂଚଳରେ ସଫେଇ କାର୍ଯ୍ୟକ୍ରମ



ବାଲେଶ୍ୱର(ନି.ପ୍ର.)ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ବାଲେଶ୍ୱର ଶାଖା ପକ୍ଷରୁ ରବିବାର ପୂର୍ବାହ୍ନ ରେ ସିନେମା ଛକସ୍ଥିତ ଶହୀଦ ପାର୍କ ଓ ପାର୍ଶ୍ୱବର୍ତୀ ଅଂଚଳରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ଏହା ସହିତ ଶହୀଦ ପାର୍କ ରେ ଦୁଇଟି ଫୁଲକୁଣ୍ଡ ଓ ଚାରା ରୋପଣ କରାଯାଇଥିଲା । ଆଗାମୀ ରଜ ପର୍ବ ପରେ ପରେ ସହର ର ପ୍ରଥମ ରେଳବାଇ ଓଭର ବ୍ରିଜ ରେ ବାଲୁକା ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଂଗଠନ ର ବରିଷ୍ଠ କର୍ମକର୍ତା ମହମ୍ମଦ ଇସଲାମ ଓ ମିନତୀ ସେଠୀ ଉଲ୍ଲେଖ କରିଛନ୍ତି । ନିକଟ ଅତୀତ ରେ ବାଲେଶ୍ୱର ଜିଲ୍ଲା କାରାଗାର ରେ ସଂଗଠନ ପକ୍ଷରୁ ପଚାଶ ରୁ ଉର୍ଦ୍ଧ୍ୱ ଚାରା ରୋପଣ ଓ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନା ରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଆଜି ପୂର୍ବାହ୍ନ ରେ ଶହୀଦ ପାର୍କ ରେ ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତି ରେ ସାମୁହିକ ମାଲ୍ୟାର୍ପଣ ପରେ ଗାନ୍ଧିଜୀ ଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଗାନ୍ଧିବାଦୀ ନେତା ସୁରେନ୍ଦ୍ର କୁମାର ପଣ୍ଡା,ପ୍ରଦୀପ ସିଂହ,ଭଗବାନ ମହନୀ, ସକିଲା ବାନୋ,ପ୍ରେମଦତ ବାରିକ,ଜୋତ୍ସ୍ନା ସେନାପତି,ବେଣୁଧର ସାହୁ, ଜିତେନ୍ଦ୍ର ଉପାଧାୟ ଓ ମାନଗୋବିନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।



# ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦ୍‌ଘାଟିତ




ବାରିପଦା(ନିପ୍ର): ସ୍ଥାନୀୟ ଛଉ ମଣ୍ଡପରେ ଉତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦଘାଟିତ ହୋଇଯାଇଛି । ଅତିଥି ଭାବେ ଯୋଗଦେଇ ଜିଲ୍ଲା ଓକିଲ ସଂଘର ସଭାପତି ଜ୍ୟୋତିପ୍ରକାଶ ରଥ ଓ ସମ୍ପାଦକ ବିପ୍ଳବ ବାରିକ, ଆଇନଜୀବୀ କିଶୋର ମହାନ୍ତି, ଡଃ ପିନାକୀ ମହାନ୍ତି, ଯୋଗଗୁରୁ ଜ୍ୟୋତିରଞ୍ଜନ ଦାସ ଏହି ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ । ପ୍ରତିଷ୍ଠାନର ଉପ ସଭାପତି ସୁଜାତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସନ୍ଦୀପ ବିଶୋଇ, ଅମ୍ବିକା ପ୍ରସାଦ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ନୃତ୍ୟ ଶିକ୍ଷୀ ତୃପ୍ତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଛଉ ଗୁରୁ ଶମ୍ଭୁନାଥ ଦାସଙ୍କ ନେତୃତ୍ୱରେ ଏହି ଶିବିରରେ ୫୦ଜଣ ପ୍ରଶିକ୍ଷଣ ନେବେ ଏବଂ ଏହା ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି ।

# ବିଜୁ ଜନତା ଦଳ ପକ୍ଷରୁ ନାରୀ ଅଧିକାର ନେଇ ରଣ ହୁଙ୍କାର

ଉଦଳା(ନିପ୍ର): ବିରୋଧ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉଦଳା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍‌ଙ୍କ ନେତୃତ୍ୱ 'ନାରୀ ଅଧିକାର' ସଂପର୍କରେ ଏକ ମହାସମାବେଶ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସହର ପରିକ୍ରମା ପୂର୍ବକ ଏକ ବିକ୍ଷୋଭ ସଭାଯାତ୍ରା କରି ଦୃଢ଼ ବିରୋଧ କରି ନାରା ଦେଇଥିଲେ । ଉକ୍ତ ସମାବେଶରେ ଶହ, ଶହ ସଂଖ୍ୟାରେ ମହିଳାମାନେ ଯୋଗ ଦେଇ କେନ୍ଦ୍ର ଏବଂ ରାଜ୍ୟ ବି.ଜେ.ପି.ସରକାରକୁ ଘୋର ସମାଲୋଚନା କରିଥିଲେ । ଭା.ଜ.ପା.ସରକାର ମହିଳା ସଂରକ୍ଷଣ ବିଲ ସଂପର୍କରେ ମହିଳାମାନଙ୍କୁ ମିଛ କଥା କହି ଭ୍ରମିତ କରିବା ପାଇଁ ଯେଉଁ ଅପଚେଷ୍ଟା କରୁଛି ତାହା ବିଜୁ ମହିଳା ଜନତା ଦଳ କରିବା ପାଇଁ କେବେ ଦବ ନାହିଁ ବୋଲି ଦୃଢକ୍ତି ପ୍ରକାଶ କରିଥିଲେ । ୨୦୨୩ ମସିହାରେ ସଂସଦର ସର୍ବସମ୍ମତି କ୍ରମେ ଯେଉଁ ୩୩% ମହିଳା ସ୍ଥାନ ସଂରକ୍ଷଣ ନିମନ୍ତେ ବିଲ ପାରିତ ହୋଇ ମହାମହିମ ରାଷ୍ଟ୍ରପତି ଦସ୍ତଖତ କରିଥିଲେ ସେ ବିଲ ଭା.ଜ.ପା ୨୦୨୪ ମସିହା ସାଧାରଣ ନିର୍ବାଚନରେ କାହିଁକି ସାରା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ନିଟ୍ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ୍ ହୋଇ ହଜାର ହଜାର ଶିକ୍ଷିତ ଯୁବକ ଯୁବତୀମାନଙ୍କର ଜୀବନ ମାଟି କରାଯାଇଛି । ପେଟ୍ରୋଲ, ଡିଜେଲ, ଗ୍ୟାସଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର ଦରଦାମ ଆକାଶ ଛୁଆଁ । ସାରା ଓଡିଶାରେ ଅରାଜକତା ଚାଲିଛି । ନାରୀ ନିର୍ଯ୍ୟାତନା ଠାରୁ ଆରମ୍ଭ କରିଧର୍ଷତା ପୋଲିସ୍ ସାମନାରେ ମର୍ଡର, ଓଡିଶାର ମହିଳାମାନେ ବାହାରକି ଯିବା ପାଇଁ ବର୍ତମାନ ଭୟ କରୁଛନ୍ତି । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରକୁ ଗାଦିଚ୍ୟୁତ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ପ୍ରକାଶ କରିଥିବା ଆଜିକାର 'ନାରୀ ଅଧିକାର' ସମାବେଶରେ ପୂର୍ବତନ ବିଧାୟକ ବଡସାହି ଗଣେଶ୍ୱର ବେହେରା ମହିଳା ନେତ୍ରୀ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦଃ, ଦୀପ୍ତିଲତା ମିଶ୍ର, ପ୍ରୀତିଲତା କାନୁନଗ, ଭାରତୀ ସିଂ, ଲିଲି ଭୋଳ, ଯୁବ ନେତା ଜିତେନ୍ଦ୍ର ମହାନ୍ତି, ଦେବାଶିଶ୍ ମହାନ୍ତି, ନୀଳ ମାଧବ ପାତ୍ର, ଜିଲ୍ଲା ସଂପାଦକ ମନୋଜ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ମାକୁ ସିଂ, ଲଳିତା ବିଶେଇ, ପ୍ରମିଳା ଲେଙ୍କା, ସତ୍ୟବାନ ଉପାଧାୟ, ପ୍ରଶାନ୍ତ ବେହେରା, ଜିଲ୍ଲା ସଂପାଦକ ଅଭିମନ୍ୟୁ ମଣ୍ଡଳ, ଘନଶ୍ୟାମ ମହାନ୍ତ, ଅରୁଣ ନାଏକ, ବନମାଳି ବେହେରା, ଯୁବନେତା ପ୍ରଦୀପ ପରିଡା, ସିଜିତ୍ ପୁଥାଳ, ଡିକେନସ୍ ବେହେରା, ବି:ଜେ:ଡି ଉପସଭାପତି ଶଶଧର ସାଇଁ, ଛାତ୍ର ନେତା ସୁନିଲ ନାୟକ, ଆଶିଶ୍ ଦାସ, ଭବାନି ଶଙ୍କର ମହାନ୍ତ, ବିଶାକର ମହାପାତ୍ର ଯୋଗ ଦେଇଥିଲେ । ଆଜିକାର ମହିଳା ଅଧିକାର ସମାବେଶକୁ ସବୁଜ ସୁନ୍ଦର କରିବାରେ ପ୍ରତାପ ଚନ୍ଦ୍ର ବେହେରା, ଶୁଶାନ୍ତ ବେହେରା, ସୁମନ୍ତ ମହାନ୍ତି, ସରୁପ ଦାସ, ଶୈଳେଶ ବିଶ୍ୱାଳ, ଶଶୀକାନ୍ତ ମଲ୍ଲୀକ, ଭକ୍ତହରି ଜେନା, ସୁନୀଲ କୁମାର ପ୍ରଧାନ ପ୍ରଭୃତି ସହଯୋଗ କରିଥିଲେ । ଜିଲ୍ଲା ସାଧାରଣ ସଂପାଦକ ଅମିୟ କୁମାର ବଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଶସ୍ତ୍ର ଗହଣା ଲୁଟ୍ ମାମଲାରେ ବାଇକ୍ ଓ ମାରଣାସ୍ତ୍ର ଜବତ, ୨ ଗିରଫ




ଧାମନଗର(ନିପ୍ର): ଧାମନଗର ସାନବଜାର ଅଂଚଳରେ ଜଣେ ସୁନା ବ୍ୟବସାୟୀ ଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଓ ରୂପା ଗହଣା ଲୁଟ୍ ଘଟଣାରେ ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ଏହି ସଂଗଠିତ ସଶସ୍ତ୍ର ଡକାୟତି ମାମଲାରେ ପୋଲିସ ୨ଅଭିଯୁକ୍ତ ଙ୍କୁ ଗିରଫ କରି ଧାମନଗର ଜେଏମଏଫସି କୋର୍ଟରେ ହାଜର କରିଛି । ଏଥିସହ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦାଖଲ ହେବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର କରି ସେମାନ ଙ୍କୁ ଅନ୍ତରୀଣ ଜେଲ୍ ହାଜତକୁ ପଠାଇବା ପାଇଁ ପୋଲିସ କୋର୍ଟରେ ଲିଖିତ ପ୍ରାର୍ଥନା କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଗ୍ରାମର ଜଗନ୍ନାଥ ରାଓ ଙ୍କ ପୁଅ କୁଶ ରାଓ ଓରଫ ଆନାମ (୨୮) ଏବଂ ସେହି ଗ୍ରାମର ସଙ୍କର୍ଷଣ ରାଓଙ୍କ ପୁଅ ଦାନବୀର ରାଓ (୨୫) । ବିଏନଏସର ଧାରା ୩୧୦(୨) ଅନୁଯାୟୀ ସେମାନଙ୍କୁ ଗତ ୨୪.୦୫.୨୬ ତାରିଖ ଅପରାହ୍ନ ୩.୩୦ ମିନିଟରେ ଗିରଫ କରାଯାଇଥିଲା ଏବଂ କୋର୍ଟଙ୍କ ସମ୍ମୁଖକୁ ପଠାଯାଇଛି ।ପୋଲିସ ତଦନ୍ତରୁ ଏହି ସଶସ୍ତ୍ର ଲୁଟ୍‌ର ଏକ ଚାଂଚଲ୍ୟକର ଅପରାଧ ଷଡ଼ଯନ୍ତ୍ର ପଦାକୁ ଆସିଛି । ଧାମନଗର ନିକଟସ୍ଥ ସୟଦଜାଫର (ଗୁଡ଼ି ପୋଖରୀ) ଗ୍ରାମର କାସିମୁଦ୍ଦିନ ସାହା (୪୮) ସାନବଜାର ଠାରେ 'କାଦିର ଜୁଏଲାରୀ' ନାମକ ଏକ ଗହଣା ଦୋକାନ କରିଛନ୍ତି । ଧାମନଗର ଥାନା ଅନ୍ତର୍ଗତ ମୁସ୍ତଫାପୁର ପଂଚାୟତ ନୂଆପଡ଼ା ଗ୍ରାମର ରାଜେଶ ଦାସ ନାମକ ଜଣେ ସ୍ଥାନୀୟ ଯୁବକ ପ୍ରତିଦିନ କାସିମୁଦ୍ଦିନଙ୍କ ଗତିବିଧି, ବ୍ୟବସାୟ ଓ ରାତିରେ ଦୋକାନ ବନ୍ଦ କରି ସ୍କୁଟିରେ ଫେରିବା ସମୟ ଉପରେ ତୀକ୍ଷ୍ଣ ନଜର ରଖୁଥିଲା । ରାଜେଶ ହିଁ ବ୍ୟବସାୟୀଙ୍କୁ ଲୁଟିବା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲା ଏବଂ ଏଥିପାଇଁ ସେ ଯାଜପୁରର କୁଶ ରାଓ, ଦାନବୀର ରାଓ ଏବଂ ଅନ୍ୟ ଦୁଇ ସହଯୋଗୀ ଓମ୍ ପ୍ରଧାନ ଓ ଅନ୍ତେଶ ପ୍ରଧାନଙ୍କ ସହ ମିଶି ଏକ ବଡ଼ ଅପରାଧିକ ଷଡ଼ଯନ୍ତ୍ର ରଚିଥିଲା । ଗତ ମେ' ୧୮ ତାରିଖରେ ଏହି ୫ ଜଣ ଯାକ ସଶସ୍ତ୍ର ଅଭିଯୁକ୍ତ ବ୍ୟବସାୟୀଙ୍କ ଉପରେ ନଜର ରଖିବା ପାଇଁ ଦୁଇଟି ମୋଟର ସାଇକେଲ (ଗୋଟିଏ କଳା ରଙ୍ଗର ପଲସର- ବିଆର-୦୨-କ୍ୟୁ-୪୧୨୦ ଏବଂ ଅନ୍ୟଟି ବିନା ନମ୍ବର ବିଶିଷ୍ଟ ଆପାଚି ବାଇକ୍) ରେ ସାନବଜାର ଅଂଚଳରେ ବୁଲୁଥିଲେ । ରାତି ପ୍ରାୟ ୯.୩୦ ସମୟରେ କାସିମୁଦ୍ଦିନ ନିଜ ଦୋକାନ ବନ୍ଦ କରି କିଛି ସୁନା ଓ ରୂପା ଗହଣା ଧରି ନିଜ ସ୍କୁଟିରେ ଘରକୁ ଫେରୁଥିଲେ । ରାତି ପ୍ରାୟ ୧୦ ଟା ବେଳେ ବନ୍ଧଟିଆ-ଝାଟିଆ ସାହି ରାସ୍ତାର ଏକ ନିଛାଟିଆ ସ୍ଥାନରେ ଅଭିଯୁକ୍ତମାନେ ପଛପଟୁ ବାଇକ୍‌ରେ ଆସି ବ୍ୟବସାୟୀଙ୍କ ରାସ୍ତା ଓଗାଳିଥିଲେ । କିଛି ବୁଝିବା ପୂର୍ବରୁ ସେମାନେ କାସିମୁଦ୍ଦିନଙ୍କୁ କଟୁରୀ (ଧାରୁଆ ମାରଣାସ୍ତ୍ର)ରେ ଆକ୍ରମଣ କରି ଲୁଟ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ 'ଦୋବଲ କାଉଂଟର' ନିକଟରୁ କଳା ରଙ୍ଗର ପଲସର ବାଇକ୍ ସହ କୁଶ ରାଓ ଏବଂ ଦାନବୀର ରାଓଙ୍କୁ କାବୁ କରିଥିଲା । ଜେରା ସମୟରେ ଦୁହେଁ ନିଜର ଅପରାଧ ସ୍ୱୀକାର କରିବା ସହ ଫେରାର ଥିବା ତିନି ସହଯୋଗୀ ରାଜେଶ ଦାସ, ଓମ୍ ପ୍ରଧାନ ଏବଂ ଅନ୍ତେଶ ପ୍ରଧାନଙ୍କ ନାମ ପ୍ରକାଶ କରିଥିଲେ । ତେବେ ଅନ୍ୟ ଅଭିଯୁକ୍ତ ଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶ ସାମ୍ବାଦିକଙ୍କୁ ସୁଚନା ଦେଇଛନ୍ତି ।

# ପ୍ରବଳ ଗ୍ରୀଷ୍ମ ସମୟରେ ଶ୍ରମିକମାନଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରାଇବାକୁ ସିଆଇଟିୟୁର ବିରୋଧ

ନୀଳଗିରି(ନିପ୍ର): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ମାର୍ଗ ଦର୍ଶିକା କୁ ବେଖାତିର କରି ପ୍ରବଳ ଗ୍ରୀଷ୍ମ ସମୟରେ ଶ୍ରମିକ ମାନଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ଯ କରାଇବାକୁ ସି ଆଇ ଟି ୟୁ ପକ୍ଷରୁ ବିରୋଧ କରାଯାଇଛି । ବର୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦ୍ୱାରା ତାପମାତ୍ରା ଚାଳିଶ ଡିଗ୍ରୀ ଉପରେ ରହୁଛି । ଯାହା ଦ୍ୱାରା କି ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଏହାକୁ ଲକ୍ଷ୍ୟ କରି ଓଡିଶା ସରକାର ସ୍କୁଲ, କଲେଜ ବନ୍ଦ କରିବା ସହିତ ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ମାର୍ଗ ଦର୍ଶିକା ପ୍ରଣୟନ କରିଛନ୍ତି । ଦିବା ଏଗାର ଘଟିକା ପରଠାରୁ କୌଣସି ନିର୍ମାଣ କାର୍ଯ୍ୟରେ ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଇ ପାରିବ ନାହିଁ ଓ ଅପରାହ୍ନ ତିନି ଘଟିକା ରୁ ଶ୍ରମିକ ମାନେ କାର୍ଯ୍ୟ କରି ପାରିବେ । କିନ୍ତୁ ଉକ୍ତ ସମୟ ମଧ୍ୟରେ ଶ୍ରମିକ ମାନେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ର ଦେଖିବାକୁ ମିଳୁଛି । ଉକ୍ତ ସମୟରେ ଯେଉଁ ମାନେ ଶ୍ରମିକ ମାନଙ୍କୁ କାର୍ଯ୍ୟ ରେ ଲଗାଇବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସରକାର ଘୋଷଣା କରିଛନ୍ତି । କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଯାହା କି ଦୁଃଖ ଓ ପରିତାପର ବିଷୟ । ଉକ୍ତ ଘଟଣା କୁ ଗୁରୁତ୍ୱର ସହ ନେବା ସହିତ ଶ୍ରମିକ ମାନଙ୍କର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ସିଆଇଟିୟୁ ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ପ୍ରଶାସନ ଠାରେ ଦାବି କରିଛନ୍ତି । ଯଦି ପ୍ରଶାସନ ଏଥିପ୍ରତି ସଜାଗ ନ ହୁଅନ୍ତି ଆଗାମୀ ଦିନରେ ସିଟୁ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ବିପୁଳ ପରିମାଣରେ ମଦ ଜବତ, ୨ ଗିରଫ

ଧାମନଗର(ନିପ୍ର): ଧାମନଗର ବ୍ଲକ ରଭିନ୍ନ ସ୍ଥାନରେ ଚୋରା ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି । ଏନେଇ ଅବକାରୀ ବିଭାଗ କୌଣସି ଆଖି ଦୃଶିଆ ପଦକ୍ଷେପ ନେଉ ନଥିବା ବେଳେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଚାଲୁ ରହିଛି । ଧୁଷୁରୀ ଥାନା ଅଧୀନ ଖଡି ମାହାରା ଠାରେ ରବିବାର ରାତି ରେ ୫.୬ ଲିଟର ମଦ ଜବଦ କରିବାରେ ଧୂଷୁରୀ ପୋଲିସ ସକ୍ଷମ ହେବା ସହ ସହ ରଞ୍ଜନ କୁମାର ପଣ୍ଡା (୪୯) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି (କେଶ୍ ନଂ ୨୪୨/୨୬ )ରେ କୋର୍ଟ ଚାଲାଣ କରିଛି । ସେହିପରି ସୋମବାର ସକାଳେ ପାୟାସାହି ଠାରେ ୧୦୦ ପେଟି ରୁ ଅଧିକ ମଦ ବେତାଳି ଗାଁ ଆଡକୁ ଆସୁଥିବା ବେଳେ ଧୁଶୁରୀ ଥାନା ଅଧୀକାରୀ ଅଯୟ ବାଗେ ସୁଚନା ଏହି ଚୋରା ମଦ ଜବଦ କରିବା ସହ ମନମୋହନ ନାୟକ (୪୨)ଙ୍କୁ ଥାନାରେ ଅଟକ ରଖିଛି ।

# ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦ୍‌ଘାଟିତ

ବାରିପଦା(ନିପ୍ର): ସ୍ଥାନୀୟ ଛଉ ମଣ୍ଡପରେ ଉତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦଘାଟିତ ହୋଇଯାଇଛି ଓ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଓକିଲ ସଂଘର ସଭାପତି ଜ୍ୟୋତି ପ୍ରକାଶ ରଥ ଓ ସମ୍ପାଦକ ବିପ୍ଳବ ବାରିକ, ଆଇନଜୀବୀ କିଶୋର ମହାନ୍ତି, ଡଃ ପିନାକୀ ମହାନ୍ତି, ଯୋଗଗୁରୁ ଜ୍ୟୋତିରଞ୍ଜନ ଦାସ ଏହି ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ । ପ୍ରତିଷ୍ଠାନର ଉପ ସଭାପତି ସୁଜାତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସନ୍ଦୀପ ବିଶୋଇ, ଅମ୍ବିକା ପ୍ରସାଦ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ନୃତ୍ୟ ଶିକ୍ଷୀ ତୃପ୍ତି ବାରିକ ପ୍ରମୁଖ ଉପସ୍ଥିତ




ଥିଲେ ଓ ଛଉ ଗୁରୁ ଶମ୍ଭୁନାଥ ଦାସଙ୍କ ନେତୃତ୍ୱରେ ଏହି ଶିବିରରେ ୫୦ଜଣ ପ୍ରଶିକ୍ଷଣ ନେବେ ଏବଂ ଏହା ଚଳିତ ମାସ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି ।

# କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ପାଇଁ ୯ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୪ଟି, ଭତା ପାଇବା ପାଇଁ ୭ଟି, ପୋଲିସ ସହାୟତା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୧୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ନିରଞ୍ଜନ ବେହେରା, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, କୁଜଙ୍ଗ, ସ୍ୱରୂପ ନନ୍ଦନ ବେହେରା, ବିଡ଼ିଓ କୁଜଙ୍ଗ ଦୀପକ ସ୍ୱାଇଁ, ନିର୍ବାହୀ ଅଧିକାରୀ ପାରାଦ୍ୱୀପ ପୌର ପରିଷଦ ଶ୍ରୀ ଅଭିଷେକ ପଣ୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପଲି ଅଭିଯୋଗର ଶୁଣାଣି କରିଥିଲେ ।


## AFFIDAVIT

By virtue of an affidavit sworn before Executive Magistrate, Bhadrak dated 22.05.2026, I, Padmalochan Gochhayat, aged about 31 years, S/o- Madhusudan Gochhayat of Village- Manitri, Po- Jalangagandibed, PS- Similia, Dist- Balasore-756134 declare that I have changed my name from Raju Jena, S/o- Mayadhara Jena to Padmalochan Gochhayat, S/o- Madhusudan Gochhayat. Henceforth, I shall be known as Padmalochan Gochhayat, S/o- Madhusudan Gochhayat for all purposes.

Sd/-
Padmalochan Gochhayat

## NOTICE

By virtue of an affidavit sworn before Executive Magistrate, Balasore, dated 21.05.2026 I, Pranati Senapati, Address At.-Baringia, P.O.-Saragaon, P.S.-Sadar, Dist.-Balasore, Odisha, Pin-756002 declare that I have changed my name from Sukanti Barik to Pranati Senapati. Henceforth, I shall be known as Pranati Senapati for all purposes.

Sd/-
Pranati Senapati

No. 34001/254/2627

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-II
AT/PO- BHASKARGANJ , BALASORE

CONTACT NO :- 06782-263149
E Mail ID :- eepwdbls2@gmail.com

SHORT TENDER CALL NOTICE

BID INVITATION NO. SE (R and B) BLS-II- 03/ 2026-27
No. 4300 dt. 25.05.2026

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 1 No |
| 3 | Nature of work : | : | Electrical Shifting |
| 4 | Class of Contractor : | : | "HT" Class Contractor |
| 5 | Approx. value of work | : | Rs. 16.77 Lakhs |
| 6 | Tender Cost. : . | : | Rs. 6000.00 |
| 7 | Availability of Bid Documents in the website : | : | From 10.00 Hours of 29.05.2026 to 4.00 Hours of 08.06.2026 |
| 8 | Date of Opening of Bid : | : | Dt. 08.06.2026 at 4.30 Hours. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR. 34001/34155/1/26-27/0001

Sd/-
Superintending Engineer,
Balasore (R&B) Division-II





**ଯେଉଁ ଲୋକ ନିଜର ବନ୍ଧୁଙ୍କୁ ଠକୁଛି ସେ ଜାଣି ଭଗବାନଙ୍କୁ ଠକୁଛି ।**

# ଆଜିକାଲି




ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ
ଅହଂକାର ବିମୂଢ଼ାତ୍ମା କର୍ତାହମିତି ମନ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସମସ୍ତ କର୍ମ ପ୍ରକୃତିର ଗୁଣମାନଙ୍କ ଦ୍ୱାରା କରାଯାଉଥାଏ । ତଥାପି ଯାହାର ଅନ୍ତଃକରଣ ଅହଂକାରରେ ମୋହିତ ହୋଇ ରହିଥାଏ ସେହି ଅଜ୍ଞାନ 'ମୁଁ ହିଁ କର୍ତା' ବୋଲି ମନେ କରେ ।

## ଜଙ୍ଗଲ କ୍ଷୟ ବିନାଶର କାରଣ

ମଣିଷ ସମାଜର କଲ୍ୟାଣ ତଥା ପରିବେଶ ସୁରକ୍ଷା ପାଇଁ 'ଗଛ ଲଗାଅ', 'ଜଙ୍ଗଲ ବଢାଅ, 'ପିଲାଟିଏ, ଗଛଟିଏ, ମା' ପାଇଁ ଗଛଟିଏ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଲୋଗାନ ହେଉଥିବାବେଳେ 'ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)କୁ କେନ୍ଦ୍ର ସରକାର ପ୍ରଦାନ କରିଥିବା ରିପୋର୍ଟରେ ଦେଶରେ ଜଙ୍ଗଲ ଜମିର ଦୟନୀୟ ଚିତ୍ରକୁ ପ୍ରଦର୍ଶିତ କରିଛି । ଏନଜିଟିକୁ ପ୍ରଦାନ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ୧୩,୦୦୦ବର୍ଗ କିଲୋମିଟରରୁ ଅଧିକ ଜଙ୍ଗଲ ଜମି ଏବେ ଜବରଦଖଲରେ ରହିଛି । ଯାହାକି ଦିଲ୍ଲୀ, ସିକିମ୍ ଓ ଗୋଆ ଆଜି ରାଜ୍ୟର ମୋଟ ପରିସୀମା ବା ଆୟତନ ଠାରୁ ଅଧିକ । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜଙ୍ଗଲ ଜମି ଜବରଦଖଲ ଦିନକୁ ଦିନ ବୃଦ୍ଧ ପାଉଥିବାବେଳେ ଅବକ୍ଷୟ ମଧ୍ୟ ବଢିଚାଲିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, କେବଳ ମଧ୍ୟପ୍ରଦେଶରେ ୫୬୪୦.୯ବର୍ଗ କି.ମି. ଜଙ୍ଗଲଜମି ଜବରଦଖଲରେ ରହିଥିବାବେଳେ ଏହା ପଛକୁ ରହିଛି ଆସାମ, ସେହିପରି କର୍ଣ୍ଣାଟକ, ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ, ଉତରପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜମି ମଧ୍ୟ କମ ନୁହେଁ, ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଏବେ ବି ଜଙ୍ଗଲ ଜମି ଅବରୋଧ ନେଇ ରିପୋର୍ଟ ପ୍ରଦାନ କରିନଥିବା କୁହାଯାଏ । ଦୃତ ଶିଳ୍ପାୟନ, ସଡକ ପଥର ବିକାଶ, ନୂତନ ବସତି ପ୍ରତିଷ୍ଠା, ରେଳପଥ ଜଙ୍ଗଲ ପୋଡି ଏବଂ ଆଖିବୁଜା ବୃକ୍ଷ କାଟ ଯୋଗୁଁ କେବଳ ଜଙ୍ଗଲ କ୍ଷୟ ହେଉ ନାହିଁ, ଜଙ୍ଗଲ ଜମିର ଅବକ୍ଷୟ ବଢିଚାଲିଛି । ଉଦାହରଣ ସ୍ୱରୂପ ଗ୍ରେଟ ନିକୋବର ଦ୍ୱୀପରେ କେନ୍ଦ୍ର ସରକାରଙ୍କର ୮୦ହଜାର କୋଟି ଟଙ୍କାର ନୂତନ ପ୍ରକଳ୍ପ ଯୋଗୁଁ ବିଷୁବ ମଣ୍ଡଳରେ ୧୩୦ବର୍ଗ କି.ମି. ଜଙ୍ଗଲ ଜମି ପରିବର୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି । ତେଲେଙ୍ଗାନା ବର୍ତମାନ ସୁଦ୍ଧା ଜଙ୍ଗଲ ଜମି ଜବରଦଖଲର ରିପୋର୍ଟ ଦେଇନଥିବା ବେଳେ ନିକଟରେ ଜଙ୍ଗଲ ଜମିରେ ଏକ ବୃହତ ପ୍ରକଳ୍ପ ନିର୍ମାଣ ପାଇଁ କ୍ଲିଅରାନ୍ସ ଦେଇଛି । କେବଳ ତେଲେଙ୍ଗାନା ନୁହେଁ, ଦେଶର ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଦ୍ରୁତ ଶିଳ୍ପାୟନ ତଥା ମେଗା ପ୍ରୋଜେକ୍ଟ, ରେଳପଥ, ସଡକ ପଥ ନିର୍ମାଣ ପ୍ରସ୍ତାବ ରହିଛି । ଯାହା ବିକାଶର ବାର୍ତାବହ । ପରିବେଶ ବା ଜଙ୍ଗଲ ଜମି କ୍ଷୟର ଦ୍ୱାହି ଦେଇ ଜଙ୍ଗଲ ଜମିରେ ନିର୍ମାଣକୁ ରୋକାଯିବା ସମ୍ଭବ ନୁହେଁ । ସେହିପରି ନୂଆ ବସତି ସ୍ଥାପନ ଏବେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ଭାବେ ଉଭା ହୋଇଛି । ନିଜର ଭୋଟ ବ୍ୟାଙ୍କ ପାଇଁ କୌଣସି ସରକାର ବା ରାଜନୈତିକ ଦଳ ଜଙ୍ଗଲ କ୍ଷୟ ରୋକିବାକୁ ଆଗ୍ରହୀ ନଥିବା କୁହାଯାଇପାରେ । ଏହା ନିସନ୍ଦେହ ଯେ, ଦେଶରେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ହେଉଛି, ଜଙ୍ଗଲ ପୋଡି ବା ଜଙ୍ଗଲ ଅଗ୍ନିକାଣ୍ଡ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଜଙ୍ଗଲରେ ଅଗ୍ନିକାଣ୍ଡ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ଜଙ୍ଗଲ ଜମି ଜବରଦଖଲ, ଜଙ୍ଗଲ ଜମିରେ ଚାଷ, କାଠ ସଂଗ୍ରହ ପାଇଁ ଜଙ୍ଗଲ ପୋଡି ଘଟୁଛି । ଚଳିତ ବର୍ଷ ଖରାଦିନ ଆରମ୍ଭରେ ଆମ ରାଜ୍ୟରେ ୭୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ଦୁଇବର୍ଷ ପୂର୍ବେ ଏସିଆ ମହାଦେଶର ସର୍ବବୃହତ ଅଭୟାରଣ୍ୟରେ ଅଗ୍ନିକାଣ୍ଡ କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶ ପାଇଁ ଉଦ୍‌ବେଗର କାରଣ ଥିଲା । ଗ୍ଲୋବାଲ ଫରେଷ୍ଟ ୱାଚ ମନିଟରିଂ ପ୍ରୋଜେକ୍ଟ ପକ୍ଷରୁ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ୨୦୦୧ରୁ ୨୦୨୨ ମଧ୍ୟରେ ନିଆଁଲାଗି ଓଡିଶାର ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହ ଜଙ୍ଗଲ ଜମିର ଅବକ୍ଷୟ ଘଟିଥିବା କୁହାଯାଇଛି । ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ୨୦୦୦ରୁ ୨୦୨୩ ମଧ୍ୟରେ ପ୍ରାୟ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି, ଯାହାକି ସମଗ୍ର ବିଶ୍ୱରେ ନଷ୍ଟ ଜଙ୍ଗଲର ୬ପ୍ରତିଶତ ଉପଗ୍ରହ ଓ ଅନ୍ୟ ଉତ୍ସ ସହାୟତାରେ ଜଙ୍ଗଲ ପରିବର୍ତନ ଉପରେ ନଜର ରଖିଥିବା ଗ୍ଲୋବାଲ ଫରେଷ୍ଟ ୱାଚ୍ ସୂଚନା ଅନୁଯାୟୀ ୨୦୦୨ରୁ ୨୦୨୩ ମଧ୍ୟରେ ଭାରତରେ ୪,୧୪,୦୦୦ହଜାର ଆର୍ଦ୍ର ଜଙ୍ଗଲ (୪.୧ ପ୍ରତିଶତ) ନଷ୍ଟ ହୋଇଥିବାବେଳେ ଏହି ଅବଧି ମଧ୍ୟରେ ବିଶ୍ୱବ୍ୟାପୀ ନଷ୍ଟ ହୋଇଥିବା ଜଙ୍ଗଲର ଏହାର ୧୮ପ୍ରତିଶତ । ଏହା ନିସନ୍ଦେହ ଯେ, ଏବେ ଯେଉଁ ହାରରେ ଦେଶରେ ଜଙ୍ଗଲ ଜମି ଜବରଦଖଲ ଓ ନଷ୍ଟ ହେଉଛି, ତାହା ବର୍ତମାନଠାରୁ ରୋକା ନଗଲେ, ଭବିଷ୍ୟତରେ କେବଳ ମାନବ ସମାଜ ନୁହେଁ, ସମଗ୍ର ସୃଷ୍ଟି ପାଇଁ ବିନାଶର କାରଣ ହେବ ।

## ଜୀବନର ଲକ୍ଷ୍ୟ



ମନୁଷ୍ୟ ଜନ୍ମ ହେଉଛି ବିଶ୍ୱର ସବୁଠାରୁ ଦୁର୍ଲଭ ଜନ୍ମ । ପ୍ରତ୍ୟେକ ମନୁଷ୍ୟର ଜନ୍ମ କିଛି ମହତ୍ ଉଦ୍ଦେଶ୍ୟରେ ହୋଇ ଥାଏ । ଏଣୁ ଏହି ଜନ୍ମକୁ ସାର୍ଥକ କରିବା ପାଇଁ ସବୁବେଳେ ଭଲ କର୍ମ କରିବା ଉଚିତ । ଆଉ ସେହି ମହତ୍ ଉଦ୍ଦେଶ୍ୟକୁ ପୂରଣ କରିବା ଉଚିତ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଜୀବନରେ କିଛି ନା କିଛି ଲକ୍ଷ୍ୟ ସ୍ଥିର କରିବା ଉଚିତ । ଆଉ ଯଦି ଲକ୍ଷ୍ୟ ସ୍ଥିର ନ କରି ଓ ବ୍ୟବସ୍ଥିତ କାର୍ଯ୍ୟ କରି ଜୀବନକୁ ଆଳସ୍ୟପଣରେ ବିତାଯାଏ ତେବେ ଏହାର କିଛି ଅର୍ଥ ରହେ ନାହିଁ । ତେଣୁ ଜୀବନରେ ପ୍ରତ୍ୟେକ ମନୁଷ୍ୟ ନିଜ ପାଇଁ କିଛି ନା କିଛି ଲକ୍ଷ୍ୟ ସ୍ଥିର କରିବା ଉଚିତ । ପୁଣି ସେ ଲକ୍ଷ୍ୟ ମନ ନୁହେଁ, ବିବେକାନୁମୋଦିତ ହେବା ଆବଶ୍ୟକ ଯେଉଁଥିରେ ବ୍ୟକ୍ତିଗତ ଉନ୍ନତି ସହ ସାମାଜିକ ମଙ୍ଗଳ ନିହିତ ଥିବ । ଅଧିକନ୍ତୁ ତାହା ବ୍ୟକ୍ତିକୁ ମାନସିକ ପ୍ରଶାନ୍ତି ମଧ୍ୟ ଦେଉଥିବା ଦରକାର । ଅର୍ଥ ହେଉଛି ସବୁ ଅଶାନ୍ତିର କାରଣ । ତେଣୁ କେବଳ ଅର୍ଥ ଉପାର୍ଜନ ପାଇଁ ଲକ୍ଷ୍ୟ ସ୍ଥିର କରିବା ଉଚିତ ନୁହେଁ । ଜୀବନର ଲକ୍ଷ୍ୟ ସ୍ଥିରରେ ଉତମ ବନ୍ଧୁତାର ଗୁରୁତ୍ୱ ବେଶ୍ ଅଧିକ ରହିଥାଏ । କାରଣ ଏହା ବ୍ୟକ୍ତିଙ୍କ ଜୀବନ ଏମାନଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥାଏ । କୁସଙ୍ଗରେ ପଡ଼ି ଅନେକ ଏପରି ଏକ୍ଷ୍ୟ ଚୟନ କରିଥାନ୍ତି ଯାହା ସେମାନଙ୍କ ସହ ସମାଜର ଅମଙ୍ଗଳ କରିଥାଏ । ତେଣୁ ବ୍ୟକ୍ତି ସର୍ବଦା ଏପରି ଲକ୍ଷ୍ୟ କରିବା ଉଚିତ ଯାହାଦ୍ୱାରା ତାର ଚାରିତ୍ରିକ ଉତଥାନ ମଧ୍ୟ ହୋଇ ପାରିବ ।

# ଜ୍ଞାନ,ବିଜ୍ଞାନ ଓ ପ୍ରଜ୍ଞାନ

◆ ଶ୍ରୀବତ୍ସ ନାୟକ,



ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞାନ ମାନବ ଶୃଙ୍ଖଳାର ତିନୋଟି କଡି । ଜ୍ଞାନ ହେଉଛି ମୂଳ ଯାହା ମଣିଷକୁ ଆଲୋକିତ କରିଥାଏ । ବିଜ୍ଞାନ ହେଉଛି ତାର ବ୍ୟବସ୍ଥିତ ରୂପ ଯାହା ଜ୍ଞାନକୁ ପ୍ରମାଣ କରେ ଓ ସୁସଙ୍ଗଠିତ କରେ । ଜ୍ଞାନ ଓ ବିଜ୍ଞାନ ଠାରୁ ଯେଉଁ ଜ୍ଞାନ୍ ଉର୍ଦ୍ଧ୍ୱରେ ରହିଛି, ତାହା ହେଲା ପ୍ରଜ୍ଞାନ ଯାହା ଆତ୍ମଜ୍ଞାନକୁ ଦର୍ଶାଇଥାଏ । ଜ୍ଞାନ,ବିଜ୍ଞାନ ଓ ପ୍ରଜ୍ଞାନ ମଧ୍ୟରେ ସୁ-ସମନ୍ୱୟ ରହିଲେ ବ୍ୟକ୍ତିତ୍ୱର ବିକାଶ ଘଟିଥାଏ ଯାହା ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତିର କର୍ତବ୍ୟ ହେଉଛି ଜ୍ଞାନ ଅର୍ଜନ କରିବା, ବିଜ୍ଞାନକୁ ସମ୍ମାନ କରିବା ଓ ପ୍ରଜ୍ଞାନ ବିଷୟରେ ଅବଗତ ହେବା । ମନୁଷ୍ୟ ସଭ୍ୟତାର ଉନ୍ନତିର ମୂଳ ଆଧାର ହେଉଛି ଜ୍ଞାନ । ପିଢି ପରେ ପିଢି ଅନେକ ବ୍ୟକ୍ତିଙ୍କର ଲବ୍ଧ ଜ୍ଞାନ ମିଶି ଆଜି ମାନବ ସଭ୍ୟତାର ବା ସମାଜର ସାମଗ୍ରିକ ବିକାଶ ହୋଇଛି । ଜ୍ଞାନ ମନୁଷ୍ୟକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛି । ଜ୍ଞାନ,'ବିଦ୍ୟା' ଶବ୍ଦରୁ ଆନୀତ । ବିଦ୍ +ଯା = ବିଦ୍ୟା । ବିଦ୍ କହିଲେ 'ଜ୍ଞାନ' ଏବଂ ଯା କହିଲେ 'ଜାଣିବାର ଯୋଗ୍ୟ' ଅର୍ଥାତ୍ ଯାହା ଜାଣିବାର ଯୋଗ୍ୟ ତାହା ଜ୍ଞାନ । ମନୁଷ୍ୟ ଜନ୍ମରୁ ଜିଜ୍ଞାସୁ । ସେ ସୃଷ୍ଟିର ରହସ୍ୟ,ପ୍ରକୃତିର ନିୟମ, ଓ ଜୀବନର ଉଦ୍ଦେଶ୍ୟ ଇତ୍ୟାଦି ଜାଣିବାକୁ ଚାହେଁ । ଏହି ଜିଜ୍ଞାସାରୁ ହିଁ ପ୍ରକୃତ ଜ୍ଞାନ ଜନ୍ମ ନେଇଥାଏ । ଦେଖିବାକୁ ଗଲେ, ଜ୍ଞାନ ମୁଖ୍ୟତଃ ଦୁଇ ପ୍ରକାରର ଯଥା; ସାଧାରଣ ଜ୍ଞାନ (ଦୈନନ୍ଦିନ ଅନୁଭବରୁ ପ୍ରାପ୍ତ ଜ୍ଞାନ) ଓ ବିଶେଷ ଜ୍ଞାନ (ଅଧ୍ୟୟନ, ଗବେଷଣା ଓ ଚିନ୍ତନରୁ ପ୍ରାପ୍ତ ଜ୍ଞାନ) । ସଂସାରର ସବୁଠାରୁ ପବିତ୍ର ଜିନିଷ ହେଉଛି ଜ୍ଞାନ । ଜ୍ଞାନ ବିନା ମନୁଷ୍ୟ ପଶୁତୁଲ୍ୟ । ଜ୍ଞାନର ଅଭାବ ହେଲେ ମନୁଷ୍ୟକୁ ଅଜ୍ଞ କୁହଯାଏ । ଯିଏ ଅଳ୍ପ କିଛି ଜାଣିଥାଏ ତାକୁ ଅଳ୍ପଜ୍ଞ କୁହଯାଏ । ଯାହାର ଜ୍ଞାନ କ'ଣ, ସେ ବିଷୟରେ କିଛି ନା କିଛି ଧାରଣା ଅଛି ତାକୁ ବିଜ୍ଞ କୁହାଯାଏ । ଯିଏ ବିଶେଷ କିଛି ଜ୍ଞାନ ଆହରଣ କରିଛି ତାକୁ ବିଶେଷଜ୍ଞ କୁହାଯାଏ । ଯିଏ ସବୁ କିଛି ଜାଣିଛି ତାକୁ ସର୍ବଜ୍ଞ ବୋଲି କୁହଯାଏ । ଏ ସଂସାରରେ ଅଜ୍ଞ ବହୁତ ଲୋକ ଅଛନ୍ତି । ଅଳ୍ପଜ୍ଞ କମ୍ ଲୋକ ଅଛନ୍ତି । ବିଜ୍ଞ କିଛି ଲୋକ ଅଛନ୍ତି । ବିଶେଷଜ୍ଞ ଖୁବ୍ କମ୍ ଲୋକ ଅଛନ୍ତି କିନ୍ତୁ ସର୍ବଜ୍ଞ କେହି ନାହାନ୍ତି । ସର୍ବଜ୍ଞ ହେଉଛନ୍ତି ଯଣେ ଯିଏ କି ବିଶ୍ୱନିୟନ୍ତା । ସବୁ ଜ୍ଞାନ ଏ ସଂସାରରେ କାହା ପାଖରେ ନାହିଁ । ନିଜକୁ ଜ୍ଞାନୀ ବୋଲାଉଥିବା ଲୋକ ମଧ୍ୟ ଅଜ୍ଞାନୀ । ସମାଜରେ ଅଧୁନା ଶିକ୍ଷିତଙ୍କ ସଂଖ୍ୟା କମ୍ ନାହିଁ କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ । ପାଠ ପଢିଦେଲେ ମଣିଷ ଶିକ୍ଷିତ ହୋଇପାରେ ସତ ମାତ୍ର ଶିକ୍ଷିତ ଯେ ଜ୍ଞାନୀ ତାହା କହିବା ବାହୁଲ୍ୟ । ଶ୍ରୀ ଅରବିନ୍ଦଙ୍କ ମତରେ ସମାଜରେ ସାତ ପ୍ରକାରର ଅଜ୍ଞତା ଦେଖିବାକୁ ମିଳେ ଯଥା;ମୌଳିକ ଅଜ୍ଞତା, ବିଶ୍ୱଗତ ଅଜ୍ଞତା, ଅହଂଗତ ଅଜ୍ଞତା,କାଳଗତ ଅଜ୍ଞତା, ମନସ୍ତାତ୍ୱିକ ଅଜ୍ଞତା, ପ୍ରକୃତିଗତ ଅଜ୍ଞତା, ବ୍ୟବହାରିକ ଅଜ୍ଞତା । ଉପଯୁକ୍ତ ଜ୍ଞାନ ପ୍ରାପ୍ତ ହେଲେ ଅଜ୍ଞାନ ରୂପକ ଅନ୍ଧକାର ଦୂରେଇ ଯାଇ ଜ୍ଞାନର ପ୍ରଦୀପ ପ୍ରଜ୍ଜ୍ୱଳିତ ହୋଇଥାଏ । ଜ୍ଞାନ ବିଷୟରେ ସଂଜ୍ଞା ଦେବାକୁ ଯାଇ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ମତବ୍ୟକ୍ତ କରନ୍ତି ,'ମୁଁ ଜାଣିଛି ଯେ ମୁଁ କିଛି ଜାଣିନି' ତାହା ହେଉଛି ଜ୍ଞାନ କିନ୍ତୁ 'ମୁଁ ଜାଣିନି ଯେ ମୁଁ ଜାଣିନାହିଁ ବୋଲି ' ହେଉଛି ମୋର ଅଜ୍ଞତା । ଏହି କାଳ ରୂପୀ ଅଜ୍ଞତା ଅଧୁନା ସମାଜକୁ କଳା ଚାଦରରେ ଆବଦ୍ଧ କରି ରଖିଛି । ବିଜ୍ଞାନ ଶବ୍ଦର ଅର୍ଥ ହେଉଛି ବିଶେଷ ଜ୍ଞାନ । ଯେଉଁ ଜ୍ଞାନ ପର୍ଯ୍ୟବେକ୍ଷଣ, ପରୀକ୍ଷା,ନୀରିକ୍ଷା ଓ ଯୁକ୍ତିର ଆଧାରରେ ପ୍ରମାଣିତ ହୁଏ ତାହାକୁ ବିଜ୍ଞାନ କୁହଯାଏ । ବିଜ୍ଞାନ ଅନ୍ଧବିଶ୍ୱାସକୁ ଦୂର କରି ସତ୍ୟର ପରିପ୍ରକାଶ କରିଥାଏ । ବିଜ୍ଞାନର ପ୍ରଭାବ ଆମ ଦୈନନ୍ଦିନ ଜୀବନରେ ରହିଛି । ଚିକିତ୍ସା, ଯାନବାହାନ, ଗମନାଗମନ, ବାଣିଜ୍ୟ,ଶିକ୍ଷା ଆଦି କ୍ଷେତ୍ରରେ ବିଜ୍ଞାନର ପ୍ରୟୋଗ ମାନବ ଜୀବନକୁ ସହଜ ଓ ସାବଲୀଳ କରିଛି । ବିଜ୍ଞାନ ମାଧ୍ୟମରେ ମଣିଷ ଅନେକ ଅଭେଦ୍ୟ ଦୁର୍ଗକୁ ଜୟ କରିଛି ।ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିଛି । ପ୍ରକୃତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇଛି । ଶ୍ରମ ଓ ସମୟ ସଂଚୟ କରିଛି । ସମୟ ଚକ୍ରରେ ଜ୍ଞାନକୁ ସୁ-ସଙ୍ଗଠିତ ଓ ସୁ-ସଜ୍ଜିତ କରି ଦିନକୁ ଦିନ ବିକାଶ ଆଡ଼କୁ ଅଗ୍ରସର ହେବାରେ ଲାଗିଛି ମଣିଷ । ଆତ୍ମା ଭିତରୁ ଜ୍ଞାନ ଆସିଲେ ଯେଉଁ ଜ୍ଞାନୋଦୟ ହୋଇଥାଏ ତାହାକୁ ପ୍ରଜ୍ଞାନ କୁହାଯାଏ,ଯାହା ବିଜ୍ଞାନର ଜ୍ଞାନଠାରୁ ବହୁତ ଉର୍ଦ୍ଧ୍ୱରେ ପ୍ରତୀୟମାନ । ପ୍ରଜ୍ଞାନ ହେଉଛି ସେହି ଜ୍ଞାନ ଯାହା ତତ୍ୱଜ୍ଞାନ ଉପରେ ଆଧାରିତ । ପୁସ୍ତକ ଅଧ୍ୟୟନ କଲେ, ଇ[ରନେଟ ଦେଖିଲେ, ଟିଭି ଦେଖିଲେ, କୌଣସି ମାଗାଜିନ୍ ପଢିଲେ କିମ୍ବା ସାଧୁ ସନ୍ଥଙ୍କର ପ୍ରବଚନ ଶୁଣିଲେ ତଥ୍ୟଗତ ଜ୍ଞାନ ଆମକୁ ବହୁତ ମିଳିଥାଏ କିନ୍ତୁ ତତ୍ୱଜ୍ଞାନ ମିଳି ନଥାଏ । ଯେଉଁ ବ୍ୟକ୍ତିମାନଙ୍କର ଜ୍ଞାନ ଆତ୍ମା ଭିତରୁ ଆସେ ସେମାନେ ହେଲେ ପ୍ରକୃତ ପ୍ରଜ୍ଞାବାନ ବ୍ୟକ୍ତି । ଗୌତମ ବୁଦ୍ଧ ଦିନେ ରାସ୍ତାରେ ଶବଟିଏ ଦେଖିଲେ । ସେହି ଶବଟି ତାଙ୍କର ଚିନ୍ତା ଚେତନାକୁ ଏପରି ଦୋହଲାଇ ଦେଇଥିଲା ଯେ ସେ ସେହି ଦିନ ରାତିରେ ଗୃହ ପରିତ୍ୟାଗ କଲେ । ପରବର୍ତୀ ସମୟରେ ସେ ଭଗବାନ ବୁଦ୍ଧରେ ପରିଣତ ହେଲେ ଅର୍ଥାତ୍ ଅନୁଭୂତିର ଜ୍ଞାନ ହେଉଛି ପ୍ରକୃତ ଜ୍ଞାନ । ରାମକୃଷ୍ଣ ପରମହଂସଙ୍କୁ ତାଙ୍କର ଜଣେ ଶିଷ୍ୟ ପ୍ରଶ୍ନକଲା, ଏହି ଦେଶର ଲୋକ ରାତି ପାହିଲେ ମନ୍ଦିର ଯାଆନ୍ତି, ପୂଜା, ବ୍ରତ ଓ ଉପବାସ କରନ୍ତି, ଶାସ୍ତ୍ର ଅଧ୍ୟୟନ କରନ୍ତି ହେଲେ ସେମାନେ କାହିଁକି ଦୁଃଖରେ କାଳାତିପାତ କରନ୍ତି । ଯଥାର୍ଥରେ ରାମକୃଷ୍ଣ କହିଥିଲେ ଯେ 'ଚିଲ ଶାଗୁଣା ଯେମିତି ଉପରେ ଉଡ଼ିଲେ ମଧ୍ୟ ତାଙ୍କର ନଜର ସେହି ପଚା ଶବ ଉପରେ ଥାଏ ଠିକ୍ ସେହିପରି ମଣିଷ ପୂଜା ଉପାସନା କଲେ କ'ଣ ହେବ ଯେହେତୁ ମଣିଷର ନଜର ଅର୍ଥ ଓ କ୍ଷମତା ଉପରେ ଅଛି ତେଣୁ ସେ କେବେ ଖୁସିରେ ରହିପାରିବ ନାହିଁ' । ତେଣୁ ଯଥାର୍ଥରେ କୁହାଯାଇଛି ମନ ଦୃଢ ଥିଲେ ଗଡ଼ିଆ ଗଙ୍ଗା । ବାହାରର ଜଳ ଗଭୀର କୂପରେ ପଶି କୂପର ଜଳକୁ ଗୋଳିଆ କରି ତାକୁ ବ୍ୟବହାର ଉପଯୋଗୀ କରିନଥାଏ ଏବଂ କିଛି ଦିନପରେ କୂପ ଶୁଷ୍କ ହୋଇଯାଏ । କିନ୍ତୁ ଯେଉଁ କୂପ ନିଜର ଝର ଦ୍ୱାରା ଜଳରେ ପରିପୂର୍ଣ୍ଣ ହୁଏ ସେ ଜଳ ଦୀର୍ଘ ଦିନ ଯାଏଁ ବ୍ୟବହାର ଉପଯୋଗୀ ହୁଏ । ଠିକ୍ ସେହିପରି ମଣିଷର ଅନ୍ତର୍ନିହିତ ଜ୍ଞାନୋଦୟ ହେଲେ ତାହା ମଣିଷକୁ ବହୁ ଉର୍ଦ୍ଧକୁ ନେଇଥାଏ । ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କର ଜ୍ଞାନୋଦୟ ହେବା ପାଇଁ କହିଥିଲେ,' ଇଦଂ ତୁ ତେ ଗୁହ୍ୟେତମ ପ୍ରକ୍ଷ୍ୟମ୍ୟନ ଅନୁସୂୟବେ, ଜ୍ଞାନ ବିଜ୍ଞାନସହିତଂ ଯଦଜ୍ଞାତା ମୋକ୍ଷ୍ୟ ସେଶୁଭାତ' । ଅର୍ଥାତ ଶ୍ରୀକୃଷ୍ଣ କହୁଛନ୍ତି,ହେ ଅର୍ଜୁନ ଯେହେତୁ ତୁମେ ମୋ ପ୍ରତି ଈର୍ଷା ପରାୟଣ ନୁହଁ, ବର୍ତମାନ ମୁଁ ତୁମକୁ ଏହି ଅତ୍ୟନ୍ତ ଗୁପ୍ତ ଜ୍ଞାନ ପ୍ରଦାନ କରିବି ଯାହା ଜାଣିବା ପରେ ତୁମେ ମାୟିକ ସଂସାରର ଦୁଃଖରୁ ମୁକ୍ତ ହୋଇଯିବ । ଏଠାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଗୁପ୍ତ ଜ୍ଞାନ ଦେଇଥିଲେ ତାହା ହେଉଛି ପ୍ରଜ୍ଞାନ । ଆମ ସମାଜରେ ଏହା ପ୍ରତିଫଳିତ ହେଉଛି ଯେ ଅଧିକାଂଶ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି,କିଭଳି ଉଚ୍ଚପଦରେ ଅଧିଷ୍ଠିତ ହେବେ । ସୌଭାଗ୍ୟବଶତଃ ଉଚ୍ଚପଦରେ ଅଧିଷ୍ଠିତ ହେଲାପରେ ଅନେକ ସମୟରେ ଦେଖାଯାଏ ବହୁଜ୍ଞାନର ଅଧିକାରୀ ହେବା ସତ୍ୱେ କେହି କେହି ହୋଇଥାନ୍ତି ମିଥ୍ୟାଚାରୀ, ଅସାଧୁ ଓ ଦୁର୍ନୀତିଗ୍ରସ୍ତ । 'ଯାହାର ଜ୍ଞାନ ଥାଏ ସେ ଜ୍ଞାନୀ' ନ୍ୟାୟରେ ଏଭଳି ବ୍ୟକ୍ତିଙ୍କୁ ଜ୍ଞାନୀ କୁହାଯାଇପାରିବ ନାହିଁ; କାରଣ ସେ ସାଧୁତା, ଅହିଂସା, ସତ୍ୟକଥନ ଭଳି ମୂଲ୍ୟବୋଧ- ଶିକ୍ଷକଙ୍କ ନିକଟରୁ ଶିକ୍ଷା କରି ବା ବହି ପଢ଼ି ତାକୁ ଜ୍ଞାନ ବୋଲି ମନେ କରୁଥିଲେ, ମାତ୍ର ତାହା ଜ୍ଞାନ ନଥିଲା, ତାହା ଥିଲା ଜ୍ଞାନର ଏକ ଧାରଣା । ଜ୍ଞାନୀ ସିଏ, ଯିଏ ଜ୍ଞାନକୁ ଉପଲବ୍ଧି କରିଥାଏ, ଅର୍ଥାତ୍ ଯିଏ ଜ୍ଞାନକୁ ନିଜ ଆଚରଣରେ ପ୍ରତିଫଳିତ କରିଥାଏ । ଦୁର୍ନୀତି, ହିଂସା, ମିଥ୍ୟାଚରଣ ଏସବୁ ଦୁର୍ଗୁଣ ବୋଲି ଜ୍ଞାନ ସମସ୍ତଙ୍କର ଅଛି । ଏସବୁର ପଥ ଅନୁସରଣ କଲେ ମଣିଷର ଅଧଃପତନ ହୁଏ ବୋଲି ସମସ୍ତେ ଜାଣନ୍ତି । ତା'ସତ୍ୱେ ଯେଉଁମାନେ ଅର୍ଜିତ ଜ୍ଞାନକୁ ନିଜ ଆଚରଣରେ ପ୍ରତିଫଳିତ କରନ୍ତି ନାହିଁ ସେମାନେ ଜ୍ଞାନୀ ପଦବାଚ୍ୟ ନୁହନ୍ତି । ବାସ୍ତବରେ ଆମେ ଯାହାକୁ ଜ୍ଞାନ କହୁଛୁ ତାହା ପ୍ରକୃତରେ ଜ୍ଞାନ ନୁହେଁ, ତଥ୍ୟ । ଇଂରେଜ କବି ଟି.ଏସ, ଏଲିଅଟଙ୍କ ଭାଷାରେ – 'ତଥ୍ୟ ଭିତରେ ଆମେ ଜ୍ଞାନକୁ ହଜାଇ ଦେଇଛୁ ।' ଯୋଗୀ ଅରବିନ୍ଦଙ୍କ ଭାଷାରେ – ମଣିଷ ଯାହାକୁ ଜ୍ଞାନ ବୋଲି କହେ ତାହା ମିଥ୍ୟା ବାହ୍ୟରୂପର ଯୁକ୍ତି ସମ୍ମତ ସ୍ୱୀକାର । ଆମେ ବୁଦ୍ଧି, ଯୁକ୍ତି ଓ ଇନ୍ଦ୍ରିୟ ମାଧ୍ୟମରେ ଯେ କୌଣସି ବିଷୟକୁ ଜାଣିବାକୁ ଚେଷ୍ଟା କରୁ । ଅବଶ୍ୟ ଏଗୁଡ଼ିକ ଦ୍ୱାରା ସ୍ଥୂଳ ଜଗତର ଅନେକ କଥା ଜାଣିହୁଏ । ମାତ୍ର ଏହାଦ୍ୱାରା ସୂକ୍ଷ୍ମଜଗତର ରହସ୍ୟ ବୁଝିବା ସମ୍ଭବ ନୁହେଁ । ତାହା ଜାଣିହୁଏ ଆତ୍ମଜ୍ଞାନ ଦ୍ୱାରା । ଜ୍ଞାନ ପୁସ୍ତକ ପ୍ରସୂତ ନୁହେଁ, ଅଭିଜ୍ଞତା ପ୍ରସୂତ । ଆମେ ପ୍ରତ୍ୟେକ ମୁହୂର୍ତରେ ଅନୁଭବ କରିବା ଯେ ଆମେ ଅଜ୍ଞାନ । ଏହିପରି ଉପଲବ୍ଧି ହେଲେ ଆମେ ଜ୍ଞାନର ଅନ୍ୱେଷଣ କରିପାରିବା । ସେହି ଦୃଷ୍ଟିରୁ ଆମେ ଯେତିକି ଜ୍ଞାନ ଅର୍ଜନ କରିଛୁ ତାହା ଆମ ଅଜ୍ଞାନ ଉପଲବ୍ଧିର ଅବଦାନ । ଆମେ ସର୍ବଦା ଅଜ୍ଞାନରୁ ଜ୍ଞାନ ଆହରଣ ଦିଗରେ ଧାବମାନ । ଏଣୁ କୌଣସି ବିଷୟରେ ସାମାନ୍ୟ ଜ୍ଞାନ ହାସଲ କଲେ ଆମେ ଗର୍ବରେ ଅନ୍ଧ ନ ହୋଇ ଆମ ଅଜ୍ଞାନତା ପ୍ରତି କୃତଜ୍ଞ ଅନୁଭବ କରିବା କଥା ଏବଂ ନମ୍ର ହେବା କଥା । ଆଜି ଜଦି ମଣିଷ ଅଶାନ୍ତିରେ ରହିଛି ତାର ମୂଳ କାରଣ ହେଉଛି ଜ୍ଞାନ । ପୁସ୍ତକ ଅଧ୍ୟୟନ କଲେ ତଥ୍ୟଗତ ଜ୍ଞାନ ପ୍ରାପ୍ତି ହୋଇଥାଏ କିନ୍ତୁ ତତ୍ୱ ଜ୍ଞାନ ପ୍ରାପ୍ତି ହୋଇନଥାଏ । ସୂର୍ଯ୍ୟ ଆସିଲେ ଯେମିତି ସକାଳ ଅନ୍ଧକାର ଦୂରୀଭୂତ ହୋଇଥାଏ ଠିକ୍ ସେମିତି ଆତ୍ମଜ୍ଞାନର ପରିସ୍ଫୁଟନ ଘଟିଲେ ସାରା ସଂସାର ଆଲୋକିତ ହୋଇଥାଏ । ତତ୍ୱଜ୍ଞାନ ଆସିଲେ ପ୍ରକୃତ ଜ୍ଞାନ ଆସେ । ଏ ସଂସାରରେ ପ୍ରଜ୍ଞାନକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଛି କାହିଁକି ନା ପ୍ରଜ୍ଞାନ ବଳରେ ମଣିଷକୁ ଅମୃତ ମିଳିଥାଏ, ମଣିଷକୁ ଅମରତ୍ୱ ପ୍ରାପ୍ତ ହୋଇଥାଏ ଓ ଶାନ୍ତି ମିଳିଥାଏ । ଅଜ୍ଞାନରୁ ଜ୍ଞାନ ଆଡକୁ ଧାବମାନ କରି ମନୁଷ୍ୟ ସଭ୍ୟତା ବିକଶିତ ହେବାରେ ଲାଗିଛି । ଏହି ବିକଶିତ ପ୍ରକ୍ରିୟାକୁ ଆହୁରି ତ୍ୱରାନିତ କରିବାପାଇଁ ଆମ ଶିକ୍ଷା ବ୍ୟବସ୍ଥାରେ ଜ୍ଞାନ,ବିଜ୍ଞାନ ଓ ପ୍ରଜ୍ଞାନ ମଧ୍ୟରେ ଉତମ ସମନ୍ୱୟ ରଖି ପାଠ୍ୟଖସଡ଼ା ପ୍ରସ୍ତୁତ ହେବାର ନିହାତି ଆବଶ୍ୟକତା ରହିଛି । ଜ୍ଞାନ ପିଲାମାନଙ୍କୁ ବିଚାରବନ୍ତ ଓ ଚିନ୍ତାଶୀଳ କରୁଥିବା ବେଳେ ବିଜ୍ଞାନ ପିଲା ମାନଙ୍କୁ ପ୍ରାମାଣିକ, ବାସ୍ତବଧର୍ମୀ ଓ ତାର୍କିକ କରି ଗଢିଥାଏ । କିନ୍ତୁ ପ୍ରଜ୍ଞାନ; ଜ୍ଞାନ ଓ ବିଜ୍ଞାନ ସହିତ ସମନ୍ୱୟ ରକ୍ଷା କରିଥାଏ । ଆଧୁନିକ ଜ୍ଞାନ ଓ ବିଜ୍ଞାନ ସହ ପ୍ରଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ନଦେଲେ ସେମାନେ ଜ୍ଞାନ ଓ ବିଜ୍ଞାନର ଦୁରୁପଯୋଗ କରି ସମାଜରେ ନାନା ବିଭ୍ରାଟ ସୃଷ୍ଟି କରିବେ,ଫଳରେ ସମାଜ ଧ୍ୱଂସାଭିମୁଖୀ ହେବା ସ୍ପଷ୍ଟ ଅନୁମେୟ ।

*ଅଧ୍ୟାପକ, ବାଣିଜ୍ୟ ବିଭାଗ,*
*ବ୍ରାହ୍ମଣଝରିଲୋ*
*ମହାବିଦ୍ୟାଳୟ, କଟକ*

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର

◆ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି । ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ । ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତାର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି । ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇ ଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି । ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା - (୧)

**ଆଇନ ସମ୍ମତ** – ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମଦତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି । (୨) ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି । ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ । ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ । ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶା ଦ୍ରବ୍ୟର ପରିବହନ ହୋଇଥାଏ ସେହି ଅ□ଳରେ ଅସାମାଜିକ କାର୍ଯ୍ୟକଳାପ (ଧର୍ଷଣ, ହତ୍ୟା, ଡକାୟତି ଆଦି) ଅଧିକ ହୋଇଥାଏ । ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ । କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ । ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ । ଏକ ରୋମା□କର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ । ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧାୟ : ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ ।

**ମୁଖ୍ୟ ଶାରୀରିକ ସମସ୍ୟା :** ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି ।

**ମୁଖ୍ୟ ମାନସିକ ସମସ୍ୟା :** ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇ ଥାଏ । ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି । ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି । ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଛା ସତ୍ୱେ ଛାଡ଼ି ନପାରିବା ।

**ଭାରତରେ ନିଶା ଦ୍ରବ୍ୟର ବ୍ୟବହାର :** ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ । ଏହା ସୂଚନାଯୋଗ୍ୟ ବ□ମାନ ରିଲିଜ ହୋଇଥିବା ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ । ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତୀ ଗ୍ରାମା□ଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତି ଭାବରେ ଆଦିର ନେଲେଣି । ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ । ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି । ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ । ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ । ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ । ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ । ବର୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ । ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା ।

*ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ:*
*୯୪୩୭୦୫୧୯୫୭*



# ଏକ ନିଶ୍ଚିତ ଭବିଷ୍ୟତର ଅଶ୍ରୁଳ ପରିସମାପ୍ତି





## ଏକାଦଶାହ ଉପଲକ୍ଷେ

ଆଦରଣୀୟ ଲିଟୁ (ଶୁଭ୍ରାଂଶୁ) ! ୧୬ ନଭେମ୍ବର ୨୦୦୩ ଦିନ ତୁ ଦେଖିଥିଲୁ ଦୁନିଆର ପ୍ରଥମ ଆଲୋକ । ତୋ ଶୁଭ ଆଗମନ ଖବର ଶୁଣି ପଟ୍ଟନାୟକ ପରିବାରର ପ୍ରତିଟି ସଦସ୍ୟ ହୋଇଥିଲେ ଉଲ୍ଲସିତ । କୁଲଗୀ (ବହଳଦା)ର ପ୍ରଖ୍ୟାତ 'ଗ୍ରାମ ପ୍ରଧାନ' ପରିବାର ଓ ବାମନଘାଟୀ ପଟ୍ଟନାୟକ ବଂଶର ଦାୟାଦ ଓ ରାଇରଙ୍ଗପୁରର ପୁରୁଖା ଓକିଲ ୰ରୁଦ୍ର ପଟ୍ଟନାୟକଙ୍କ ସୁପୁତ୍ର ତଥା ପୂର୍ବତନ କୃଷି ଅଧିକାରୀ ଦିବଂଗତ ତାପସ (ନିନିବାବୁ) ଓ ପୁତ୍ରବଧୂ ବନ୍ଦନା (ବାଣୀ) ତୋତେ ନେଇ ଦେଖିଥିଲେ ଅସୁମାରୀ ସ୍ୱପ୍ନ । ତୋତେ ମଣିଷ ପରି ମଣିଷଟିଏ ଗଢ଼ିତୋଳିବାର ଦୁର୍ବାର ଅଭିଳାଷ ଦୁହିଁଙ୍କ ମନରେ ହୋଇଥିଲା ଅଙ୍କୁରିତ । ତୋର ଆଳୁଲୁ ଥୁଲୁଲୁ ଚାଲି, ଦୋରଟି ଦୋରଟି କଥା ଆଉ ଖିଲି ଖିଲି ହସ ପରିବାରରେ ଭରିଦେଇଥିଲା ଅଫୁରନ୍ତ ଆନନ୍ଦ । କିନ୍ତୁ ବିଧିର ବିଧାନ କେ କରିବ ଆନ ! ତୁ ଅଚାନକ ହେଲୁ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର । ତୋ ପିତାମାତା ତୋ ଆରୋଗ୍ୟ ପାଇଁ କରିଥିଲେ ଅନେକ ଉଦ୍ୟମ ଓ ଅକ୍ଲାନ୍ତ ପ୍ରୟାସ । ତୁ ଧୀରେ ଧୀରେ କରୁଥିଲୁ ଆରୋଗ୍ୟ ଲାଭ । ପୁଣି ସଂପୂର୍ଣ୍ଣ ସୁସ୍ଥ ହେବାର ଆଶା ହେଉଥିଲା ଉଜ୍ଜୀବିତ । ସବୁ କିଛି ଚାଲିଥିଲା ଠିକ୍ ଠାକ୍ । କିନ୍ତୁ ଅଚାନକ ପଟ୍ଟନାୟକ ପରିବାରରେ ଅକାଳେ ହେଲା ବଜ୍ରପାତ । ୨୪ ମାର୍ଚ୍ଚ ୨୦୧୩ ଦିନ ତୋ ପ୍ରିୟ ପିତା ଅକସ୍ମାତ କଲେ ଶେଷ ନିଃଶ୍ୱାସ ତ୍ୟାଗ । ଅସମୟରେ ତୁ ହୋଇଗଲୁ ପିତୃହୀନ । ତୋ ଆଖିରୁ ଝରୁଥିଲା ଧାର ଧାର ଲୁହ । ତୁ ବାହୁନି ବାହୁନି କରୁଥିଲୁ କ୍ରନ୍ଦନ । ସମୟ ବଡ଼ ବଳବାନ । ତୁ ଧୀରେଧୀରେ ହେଉଥିଲୁ ସ୍ୱାଭାବିକ । କିନ୍ତୁ ୨୦୨୦-୨୨ କରୋନା ମହାମାରୀ କାଳରେ ତୁ ପୁଣି ହୋଇଗଲୁ ରୋଗଗ୍ରସ୍ତ । ତୋ ମା' ବାଣୀ ଓ ଭଉଣୀ ରାଣୀ ତୋତେ ପୁଣି ଥରେ ସୁସ୍ଥ ସବଳ କରିବା ପାଇଁ ଦିନରାତି କରି ଦେଇଥିଲେ ଏକାକାର । ତୋ ମହିୟଷୀ ମାତା ରାତିରାତି ଉଜାଗର ରହି ସେବା ସୁଶ୍ରୁଷା କରି ତୋ ମୁହଁରେ ଫୁଟାଉଥିଲେ ହସ । ତୋ ସରସ ସୁନ୍ଦର କଥା ଶୁଣି ତୋର ଅସୁସ୍ଥ ମାତା ଓ ଚିନ୍ତିତ ଭଉଣୀଙ୍କ ମନରେ ଭରି ଉଠୁଥିଲା ଆନନ୍ଦ । ଦୁହିଁଙ୍କ ପାଇଁ ତୁ ଥିଲୁ 'ଏକୋଇର ବଳା ବିଶିକେଶନ' । ହେଲେ ବିଧିର ବିଚିତ୍ର ବିଧାନ ! ଗତ ୧୬ ମଇ ୨୦୨୬ ସାବିତ୍ରୀ ଅମବାସ୍ୟା ଦିନ ହଠାତ୍ ଲିଭିଗଲା ତୋ ଜୀବନ ପ୍ରଦୀପ । ତୁ ଦୀପ୍ତିମାନ ଶିଖାଟିଏ ହୋଇ ପଟ୍ଟନାୟକ ପରିବାରକୁ ଆଲୋକିତ କରିବା ପୂର୍ବରୁ ହୋଇଗଲୁ ନିର୍ବାପିତ । ତୁ ପ୍ରସ୍ଫୁଟିତ ପୁଷ୍ପଟିଏ ହୋଇ ପରିବାରକୁ ସୁବାସିତ କରିବା ପୂର୍ବରୁ ହୋଇଗଲୁ ବୃନ୍ତଚ୍ୟୁତ । ତୁ ଚଳଚଂଚଳ ଝରଣାଟିଏ ହୋଇ ଭରା ତଟିନୀରେ ମିଶିବା ପୂର୍ବରୁ ହୋଇଗଲୁ ଚିରଶୁଷ୍କ । ତୋ ନଶ୍ୱର ଶରୀର ଆଜି ପଂଚଭୂତରେ ହେଲେ ବି ବିଲୀନ ତୋ ଅଭୁଲା ସ୍ମୃତି ଆମ ମନେ ରହିଥିବ ସଦା ଅମଳିନ ।

*ଆଲେଖ୍ୟ - ରବୀନ୍ଦ୍ର ପଟ୍ଟନାୟକ (ବଡ଼ବାପା)*

*ରାଇରଙ୍ଗପୁର ମୋ- ୮୨୪୯୪୯୦୬୬୩*

# ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ 'ମୋ ସ୍ୱପ୍ନର ନୟାଗଡ଼' ଶୀର୍ଷକ ଆଲୋଚନା



ନୟାଗଡ଼ : ନୟାଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ଓ ପ୍ରଗତି ପାଇଁ ଏକ ସକାରାତ୍ମକ ପ୍ରୟାସ ଆରମ୍ଭ କରିଛି ଜିଲ୍ଲା ସାମ୍ବାଦିକ ସଂଘ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କେସି କ୍ଲବ ସଭାଗୃହଠାରେ ସଂଘ ପକ୍ଷରୁ 'ମୋ ସ୍ୱପ୍ନର ନୟାଗଡ଼' ଶୀର୍ଷକ ଏକ ବୁଦ୍ଧିଜୀବୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବର୍ଗର ଜନସାଧାରଣ ଓ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହୋଇ ଜିଲ୍ଲାର ଅଭିବୃଦ୍ଧି ପାଇଁ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ ।ଆଲୋଚନା ସମୟରେ ଉପସ୍ଥିତ ବ୍ୟକ୍ତିମାନେ ନୟାଗଡ଼ ଜିଲ୍ଲାର ପ୍ରମୁଖ ସମସ୍ୟା, ଯେପରିକି ପିଇବା ପାଣି, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଶିଳ୍ପ, ଜଳସେଚନ ଓ ପର୍ଯ୍ୟଟନର ବିକାଶ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ବିଶେଷ କରି ଦୀର୍ଘ ଦିନ ହେବ ବନ୍ଦ ହୋଇ ପଡ଼ିରହିଥିବା ନୟାଗଡ଼ ଚିନିକଲକୁ ପୁନଃ ଚାଲୁ କରିବା, ପଦ୍ମାବତୀ ଠାରେ ମହାନଦୀ ଉପରେ ବ୍ୟାରେଜ୍ ? ନିର୍ମାଣ ଏବଂ ବୃତଙ୍ଗ ଜଳସେଚନ ପ୍ରକଳ୍ପ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରି କୃଷି ଓ ପିଇବା ପାଣିର ସମସ୍ୟା ଦୂର କରିବା, କଂଟିଲୋ ଏବଂ ଖଣ୍ଡପଡାକୁ ରେଳପଥ ନିର୍ମାଣ ଆରମ୍ଭ କରିବା, ଜିଲ୍ଲାରେ ପର୍ଯ୍ୟାପ୍ତ ବାଉଁଶ ଜଙ୍ଗଲ ଥିବାରୁ ଏକ କାଗଜ କଳ ସ୍ଥାପନ କରିବା, ଏବଂ ନୟାଗଡ଼ରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ବୈଠକରେ ଦୃଢ଼ ଦାବି ହୋଇଥିଲା । ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା ସହ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ଓ ସେଗୁଡ଼ିକୁ ସରକାରୀ ସ୍ତରରେ ବିଧିବଦ୍ଧ ମାନ୍ୟତା ପ୍ରଦାନ କରିବାକୁ ମଧ୍ୟ ସଦସ୍ୟମାନେ ମତ ପୋଷଣ କରିଥିଲେ ।ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବିଶିଷ୍ଟ ଆଇନଜୀବୀ ପ୍ରତାପ ନନ୍ଦ, ଓକିଲ ସଂଘର ପୂର୍ବତନ ସଭାପତି ଅମୀୟ ପଟ୍ଟନାୟକ,ଶ୍ରୀଧର ପ୍ରଧାନ, ଶାନ୍ତନୁ ବିଶୋଇ ବିଜେପି ନେତା ସନ୍ତୋଷ ପ୍ରଧାନ, ଚନ୍ଦ୍ରବିଜୟୀ ମିଶ୍ର, କମ୍ରେଡ ବିଶ୍ୱନାଥ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଉମର ମଲ୍ଲିକ, କଂଗ୍ରେସ ନେତା ମନୋଜ କୁମାର ସାହୁ, ଶେଖ ଅବଦୁଲ ଆହାଦ, ସମାଜସେବୀ ଅରୁଣ କୁମାର ମହାନ୍ତି, ସୁରେଶ ସ୍ୱାଇଁ, ଏମ. ଆଉରେଙ୍ଗଜେବ ଓ ମନୋଜ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ପ୍ରାରମ୍ଭରେ ସାମ୍ବାଦିକ ସଂଘର ସମ୍ପାଦକ ସୁବାସ ମହାପାତ୍ର ଏହି ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଜିଲ୍ଲା ସାମ୍ବାଦିକ ସଂଘର ସଦସ୍ୟ ଲୋକନାଥ ମିଶ୍ର, ପୁରୁଷୋତମ ମହାପାତ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ଜିତୁନ ମହାପାତ୍ର, ଦୀପକକୁମାର ଦାସ, ସୁଧାକର ମିଶ୍ର, ବିକ୍ରମ ସ୍ୱାଇଁ, ଭିକାରି ଦାସ, ବିଭୁତି ପଟ୍ଟନାୟକ ଏବଂ ଉମାକାନ୍ତ ମିଶ୍ର, ରସାନନ୍ଦ ସ୍ୱାଇଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଅଚିହ୍ନା ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



ବୈଶିଙ୍ଗା(ନି ପ୍ର): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଯୁଗଳ ପଂଚାୟତର ଶାଳବଣି ଜଙ୍ଗଲ ରାସ୍ତା ପାର୍ଶ୍ୱରେ ଥିବା ଏକ ଜାମୁକୋଳି ଗଛରୁ ଜଣେ ଅଚିହ୍ନା ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ବୈଶିଙ୍ଗା ପୁଲିସ । ପୁଲିସ ଏହାକୁ ହତ୍ୟା ସନ୍ଦେହରେ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଶନିବାର ସକାଳେ ଗ୍ରାମବାସୀଙ୍କ ଦ୍ୱାରା ଜଙ୍ଗଲ ରାସ୍ତା ପାର୍ଶ୍ୱରେ ଥିବା ଜାମୁକୋଳି ଗଛରେ ଯୁବତୀଙ୍କ ମୃତଦେହ ଦେଖାଯିବା ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପହଂଚି ପୁଲିସ ମୃତଦେହ ଜବତ କରିଥିଲା । ଯୁବତୀଙ୍କ ବୟସ ପ୍ରାୟ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି । ତାଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ଚେଷ୍ଟା ଜାରି ରଖିଛି । ଯୁବତୀ ଜଣକ ଜିନ୍ସ ପ୍ୟାଂଟ, ସମ୍ବଲପୁରୀ କୁର୍ତା ଏବଂ ଉପରେ ନୀଳ ରଙ୍ଗର ପୁଅ ପିଲାଙ୍କ ସାର୍ଟ ପିନ୍ଧିଥିବା ଦେଖାଯାଇଛି । ମୃତଦେହ ନିକଟରୁ ଏକ ବ୍ୟାଗ୍ ଜବତ କରାଯାଇଛି, ଯେଉଁଥିରେ ଏକ ଶାଢୀ, ନାଲି ରଙ୍ଗର ଶୀତଦିନିଆ ଜ୍ୟାକେଟ୍ ଏବଂ ପାଉଡର ଥିଲା । ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ସ୍ଥାନୀୟ ସ୍ତରରେ ଚର୍ଚ୍ଚା ହେଉଛି ଯେ, ଯୁବତୀ ଜଣକ ଇନ୍ସ୍ଟାଗ୍ରାମରେ ପରିଚିତ କୌଣସି ବ୍ୟକ୍ତିଙ୍କ ସହ ପ୍ରେମ ସମ୍ପର୍କ ଯୋଗୁଁ ଏଠାକୁ ଆସିଥିଲେ ଏବଂ ଏହା ପରେ ଏହି ଦୁର୍ଘଟଣା ଘଟିଛି । ତେବେ ପୁଲିସ ଏହି ସବୁ ଆଧାରରେ ତଦନ୍ତ କରୁଛି ଏବଂ ଯୁବତୀଙ୍କ ପରିଚୟ ସ୍ଥାପନ କରିବା ସହ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ଚେଷ୍ଟା କରୁଛି । ଏ ଘଟଣାରେ ବୈଶିଙ୍ଗା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ଯୁବତୀଙ୍କ ପରିଚୟ ଜାଣିବା ପାଇଁ ସୋସିଆଲ୍ ମିଡିଆ ଏବଂ ଆଖପାଖ ଅଂଚଳରେ ଅନୁସନ୍ଧାନ ଚାଲିଛି । ଏହି ଘଟଣା ସ୍ଥାନୀୟ ସ୍ତରରେ ଚାଂଚଲ୍ୟ ସୃଷ୍ଟି କରିଛି ।

# ଖଡ଼ିଆଳରେ ଟ୍ରାଫିକ ସମସ୍ୟା

ନୂଆପଡ଼ା: (ହି.ସ.)- ନୂଆପଡା ଜିଲ୍ଲା ଖଡ଼ିଆଳ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ଗାଇଗୋରୁଙ୍କ ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏପରିକି ଚାରିଚକିଆ ଯାନରେ ଯାଉଥିବା ଲୋକ ମଧ୍ୟ ଦୁର୍ଘଟଣା ଶିକାର ହେଉଛନ୍ତି । ଗାଇଗୋରୁ ଓ ବୁଲା କୁକୁରଙ୍କ ପ୍ରତି ଏନଏସିର ନିଘା ନାହିଁ । ସହରର ପ୍ରମୁଖ ରାସ୍ତାରେ ଏହି ସମସ୍ୟା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ସହର ମଧ୍ୟରେ ମାଳ ମାଳ ଗାଇଗୋରୁ ବୁଲୁଥିବା ବେଳେ ଖଡ଼ିଆଳ ଏନଏସି ଅଧୀନରେ ଥିବା କାଞ୍ଜି ଘର ଦୀର୍ଘ ବର୍ଷ ହେବ ବନ୍ଦ ଥିବାରୁ ଏନଏସି ଗାଈ ଗୋରୁଙ୍କୁ ଧରିଲେ କେଉଁଠାରେ ରଖିବ ତାକୁ ନେଇ ସମସ୍ୟା ସୃଷ୍ଟି ହେଉଛି । ବୁଲା ଗାଇଗୋରୁ ଓ କୁକୁରଙ୍କୁ ଧରିବା କାର୍ଯ୍ୟରେ ଏନଏସି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ କରି ବୁଲା କୁକୁର, ଗାଈଗୋରୁଙ୍କୁ ଥଇଥାନ ଆରମ୍ଭ କରିବାକୁ ସହର ବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଉଛି । ସହରରେ ଦିନକୁ ଦିନ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏନଏସି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଦିନକୁ ଦିନ ସମସ୍ୟା ବଢି ଚାଲିଛି ଓ ଗାଈଗୋରୁ ଦୁର୍ଘଟଣାର ସଂମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଛି । ଅନ୍ୟପକ୍ଷରେ ଗାଇଗୋରୁ ମାଲିକ ମାନେ ସଚେତନ ନହେବାରୁ ପ୍ରତ୍ୟେକ ଦିନ ସହରର ବିଭିନ୍ନ ରାସ୍ତାରେ ଗୋଠ ଗୋଠ ହୋଇ ଗୋରୁ ଗାଈ ରାସ୍ତା ଉପରେ ବୁଲୁଛନ୍ତି । ସହରର ଅଧିକାଂଶ ରାସ୍ତା ଅଣ ଓସାରିଆ ହୋଇଥିବାରୁ ଗାଈଗୋରୁ ରାସ୍ତାରେ ଚଲାବୁଲା କଲେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରରେ ଶହଶହ ବୁଲା କୁକୁର ରାସ୍ତା ଉପରେ ଶୋଇ ରହୁଛନ୍ତି । ରାତିରେ ଯାତାୟାତ କରୁଥିବା ଲୋକଙ୍କୁ ଗୋଡାଇବା ଫଳରେ ବାଇକରୁ ପଡ଼ି ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଏନଏସି ପ୍ରଶାସନ ଦୃଷ୍ଟି ଦେବାକୁ ସହର ବାସୀ ଦାବି କରିଛନ୍ତି । ଏନେଇ ଖଡ଼ିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ବୁଲାଗାଈ ବଳଦ ମାଲିକ ମାନେ ଦିନରେ ଦୁଗ୍ଧ ସଂଗ୍ରହ ପରେ ଛାଡି ଦେଉଛନ୍ତି । ଆଗାମୀ ଦିନରେ ଗାଈ ମାଲିକ ମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ ଓ କୁକୁର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଶାନ୍ତି, ସତ୍ୟ ସହିତ ମାନବବାଦ ଆଜିର ପ୍ରାସଙ୍ଗିକତା

## ❁ରୋଟାରୀୟାନ ବିକ୍ରମାଦିତ୍ୟ ନାୟକଙ୍କୁ 'ଶାନ୍ତିପଥ ସେବା ସମ୍ମାନ -୨୦୨୬'ପ୍ରଦାନ




ଭୁବନେଶ୍ୱର : ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ବିଶ୍ୱ ଶାନ୍ତି, ସଂହତି, ଉନ୍ନତିର ମାର୍ଗ 'ଶାନ୍ତିପଥ 'ର ଅଷ୍ଟମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ, ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ, ସ୍ତମ୍ଭକାର ପ୍ରହଲ୍ଲାଦ ସିଂ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡାକ୍ତର ବିଶ୍ୱନାଥ ପଟନାୟକ ଯୋଗଦେଇ ଶାନ୍ତି, ମୈତ୍ରୀ, ଭାତୃଭାବ, ବିଶ୍ୱ ମଙ୍ଗଳ ପାଇଁ ଗାନ୍ଧୀଙ୍କ ଜୀବନ ଦର୍ଶନ, ପରିବେଶ ସୁରକ୍ଷା ତଥା ମାନବବାଦ ଉପରେ ଆଜିର ବହୁ ପ୍ରାସଙ୍ଗିକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ କ୍ଷ ଅଧ୍ୟକ୍ଷ ଶ୍ରୀଯୁକ୍ତ ମିଶ୍ର ଜୀବେଦୟା, ନିୟମିତ ଯୋଗ, ସ୍ୱାସ୍ଥ୍ୟରକ୍ଷା ତଥା ବିଶ୍ୱଭାତୃତ୍ୱ ଉପରେ ଗୁରୁତ୍ୱ ଆରୋପ କରିବାକୁ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଅରବିନ୍ଦ ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପୁଜ୍ୟପୂଜା, ନୈତିକ ମୂଲ୍ୟବୋଧ ଉପରେ ନିଜର ମତ ରଖିଥିଲେ । ଏହି ଅବସରରେ ଶାନ୍ତି, ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ରୋଟାରୀୟାନ ବିକ୍ରମାଦିତ୍ୟ ନାୟକଙ୍କୁ 'ଶାନ୍ତିପଥ ସେବା ସମ୍ମାନ ୨୦୨୬ ପ୍ରଦାନ କରାଯାଇଯିବା ସହିତ ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀଙ୍କୁ ପୁଜ୍ୟପୂଜା, ସଂଗ୍ରାମ ପାଇଁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ।। ବିଭିନ୍ନ ଜିଲ୍ଲାରୁ ଆସିଥିବା ଗରିବ, ମେଧାବୀ ବିଦ୍ୟାର୍ଥୀଙ୍କୁ 'ଶାନ୍ତିପଥ ଶିକ୍ଷାଜ୍ୟୋତି ସମ୍ମାନରେ ସମ୍ମାନିତ ସହ ମାନପତ୍ର ଓ ସହଯୋଗ ପ୍ରଦାନ କରା ଯାଇଥିଲା । ବରିଷ୍ଠ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ସୀତାଂଶୁ ଶେଖର ମହାରଣା । କାର୍ଯ୍ୟକ୍ରମକୁ ରମେଶ କୁମାର ମହାପାତ୍ର, ମଦନ ମୋହନ ପାଢ଼ୀ, ସତ୍ୟବ୍ରତ ଜେନା, ସହିତ ଶାନ୍ତିପଥ ପରିବାର ସଦସ୍ୟ ପରିଚାଳନା କରିଥିଲେ ।

# ଗାଳ୍ପିକ ଅଧିବକ୍ତା ରୁଦ୍ରକାନ୍ତ ରାଉତରାୟଙ୍କ ଗଳ୍ପ ସଂକଳନ 'ଅନ୍ତଃହୀନ ଜ୍ୟୋତ୍ସ୍ନା ଲୋକାର୍ପିତ

ଭଦ୍ରକ : (ହି.ସ.) ଭଦ୍ରକ ସଂସ୍କୃତି ଭବନରେ ଗାଳ୍ପିକ ଅଧିବକ୍ତା ରୁଦ୍ରକାନ୍ତ ରାଉତରାୟଙ୍କ ଗଳ୍ପ ସଂକଳନ 'ଅନ୍ତଃହୀନ ଜ୍ୟୋତ୍ସ୍ନା' ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ କବୟିତ୍ରି ସଂଯୁକ୍ତା ବଳ ନାୟକଙ୍କ ସଂଯୋନାରେ ଅନୁଷ୍ଠିତ ଉତ୍ସବରେ ସଭାପତିତ୍ୱ କରିଥିଲେ ସାହିତ୍ୟିକ ସମାଜସେବୀ ଅଜୟ ନାୟକ, ବରଣ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ଡଃ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ । ପୁସ୍ତକଟିକୁ ସମୀକ୍ଷା କରିଥିଲେ ଅଧ୍ୟାପକ ଡଃ ଅଭୟ କୁମାର ଦାସ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଓକିଲ ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅଧିବକ୍ତା ଗଦାଧର ବଳ, ବିଷ୍ଣୁବ୍ରତ ବିଶ୍ୱାଳ, କୃପାସିନ୍ଧୁ ନାୟକ, ମହେଶ୍ୱର ନାୟକ, ଗୟାଧର ସାମଲ ପ୍ରମୁଖ ନିଜ ନିଜର ମତ ରଖିଥିଲେ । ଏହି ଲୋକାର୍ପଣ ଉତ୍ସବକୁ ଅଧିବକ୍ତା ସନାତନ ଦୀକ୍ଷିତ, ବେଣୁଧର ଦାସ, ମୋହରିର ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ଅମୁଲ୍ୟ ଚନ୍ଦ୍ର ରାଉରକେଲା, ଆଦିତ୍ୟ କୁମାର ନାୟକ, ଦେବାଶିଷ ନାୟକ, ସନରଣ ଦୀକ୍ଷିତ, ସଞ୍ଜୟ ମାଝୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ବିଜୟ କୁମାର ରାଉତରାୟ, ସୌମ୍ୟକାନ୍ତ ରାଉତରାୟ ପ୍ରମୁଖ ଅନେକ ସାହିତ୍ୟିକ ପ୍ରମୁଖ ଉପସ୍ଥିତ ରହି ସାଫଲ୍ୟ ମଣ୍ଡିତ କରିଥିଲେ ।

# ଚାଷ କାମର ବଦଳୁଛି ଢାଂଚା : ଶୁଭୁନି ହୁଳହୁଳି ଓ ହଳିଆ ଗୀତ

ଜୟପୁର : (ହି.ସ.)- କଥାରେ ଅଛି, ଚାଷ କାମ ଯାହାର, କି ଆନନ୍ଦ ତାହାର, ସିଏ ପରା ଯୋଗାଉଛି ଦୁନିଆକୁ ଆହର । ଏହି କାର୍ଯ୍ୟ ପାଇଁ ଚାଷୀ ସଭିଙ୍କ ପାଖରେ ଆଦର ପାଉଥିଲା । ଦିନ ଥିଲା ଗ୍ରାମାଚଂଳ ଲୋକେ ଅନ୍ୟ କାର୍ଯ୍ୟ ଅପେକ୍ଷା ଚାଷ କାର୍ଯ୍ୟ କରିବା ପାଇଁ ଆଗଭର ହେଉଥିଲେ । ବିଭିନ୍ନ କାରଣରୁ ଧିରେ ଧିରେ ଏବେ ଚାଷ କାମ ବନ୍ଦ ହେବାକୁ ବସିଛି । ପୂର୍ବରୁ ଚାଷ କରୁଥିବା ପ୍ରଣାଳୀ ବଦଳାଇ ନୂତନ ପଦ୍ଧତିରେ ଚାଷ କରି ଅଧିକ ଉପାର୍ଜନ ପାଇଁ ଉଦ୍ୟମ ଆରମ୍ଭ ହେଉଥିବା ବେଳେ ଏହା ଏବେ ପୋଥି ବାଇଗଣ ପାଲଟିଯିବ ଏହି ଆଶଙ୍କା ପ୍ରକାଶ ପାଉଛି । କୋରାପୁଟ ଜିଲାର ଚାଷୀ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନ ଚାଷ କରିଥାନ୍ତି । ଏବେ ଚାଷ କାମ ବାଟବଣା ହେଉଥିବା ବେଳେ ଚାଷର ଉପାୟ ବଦଳିବାରେ ଲାଗିଛି । ହଳରେ ଏବେ ଆଉ ପ୍ରାୟ କେହି ଚାଷ କରୁନଥିବା ବେଳେ ଚାଷୀ ହୁଳହୁଳି, ହଳିଆ ଗୀତ ପୂର୍ବଭଳି ଆଉ ରୁଆ, ବୁଣା ବେଳେ ଶୁଣିବାକୁ ମିଳୁନାହିଁ । ପୂର୍ବରୁ ଚାଷୀ ଜମିରେ ଚାଷ ପାଇଁ ହଳ, ଲଙ୍ଗଳ ବ୍ୟବହାର କରୁଥିଲେ । ଏବେ ଚାଷ ପାଇଁ ଟ୍ରାକ୍ଟର, ପାଓ୍ୱର ଟିଲର୍ ବ୍ୟବହାର ହେଉଛି । ମାସ ମାସ ଧରି ଚାଲୁଥିବା ଚାଷ କାମ ଏବେ କମ୍ ଦିନରେ ଶେଷ ହେଉଛି । ପ୍ରତିଗାଁରେ ପୂର୍ବେ ଘରେ ଘରେ ଜମି ଚାଷ ପାଇଁ ବଳଦ, ପୋଢ ପାଳନ କରାଯାଉଥିଲା । ଏପରିକି କିଛି ଧନୀ ଚାଷୀ ମଧ୍ୟ ଗାଈ ବଳଦଙ୍କ ପାଇଁ ହଳିଆ ମଧ୍ୟ ରଖୁଥିଲେ । ଘର ଆଗରେ ଗୁହାଳ ଦେଖିବାକୁ ମିଳୁଥିଲା । ହଳପାଇଁ ଚାଷୀ କୁସୁମ, ଫାଶୀ, ବାବୁଲ, ଗୁହାରିଆ ପ୍ରଭୃତି, କାଠର ଲଙ୍ଗଳ, ଢାମଣ, ଈଷ ତଥା ଅନ୍ୟାନ୍ୟ ଉପକରଣ ରଖାଯାଉଥିଲା । କିଛି ଚାଷୀ ମାମୁଁ ଭଣଜା ବଳଦକୁ ଏକାଠି କରି ହଳ କାର୍ଯ୍ୟରେ ଲଗାଉଥିଲେ । ପ୍ରତିବର୍ଷ ପ୍ରଥମ ବର୍ଷା ପରେ ଚାଷୀମାନେ ବଳଦ ବିକାକିଣା କରିବା ସହିତ ଅନ୍ୟଗ୍ରାମରୁ ବଳଦ କିଣି ଆଣୁଥିଲେ । ମହାଲକ୍ଷ୍ମୀ ସ୍ନାନ ଦିନ ଭୋର ସମୟରେ ତଳିଘଣା ପରେ ପୂଜାର୍ଚ୍ଚନା କରି ରୁଆ କାର୍ଯ୍ୟ ଆରମ୍ଭ କରୁଥିଲେ । ହଳ ଧରି ବିଭିନ୍ନ ଢଙ୍ଗରେ ମଧୁର କଣ୍ଠରେ ଗୀତ ଗାଇ ହଳ କରୁଥିବା ଦେଖାଯାଉଥିଲା । ମହିଳାମାନେ ହୁଳହୁଳି ସହ ମିଳିତ ଭାବେ ଗୀତ ଗାଉଥିଲେ । ଦୂରରୁ ଗୀତ ଶୁଭିଲେ ଚାଷ କାମ ଚାଲିଥିବା ସଂକେତ ମିଳୁଥିଲା । ଗୋଟିଏ ଜମିରେ ମହିଳା ଗୀତ ଗାଇବା ଆରମ୍ଭ କଲେ ଅନ୍ୟ ଜମିର ମହିଳା ତାହା ଅନୁସରଣ କରୁଥିଲେ । ରାମ ଯେ ଲଇଖଣ ଗଲେ ମୃଗମାରି ଓ ଅନ୍ୟ ଗୀତ ଆଉ ଶୁଣାଯାଉନାହିଁ । ବିଭିନ୍ନ କାରଣରୁ ଏବେ ହଳ ରଖିବା ବନ୍ଦ ହୋଇ ଯାଉଥିବା ବେଳେ ଗ୍ରାମାଚଂଳରେ ପଶୁସମ୍ପଦ ବିଶେଷ ଭାବେ ହ୍ରାସ ପାଇଛି । ଚାଷ ଜମିରେ ଘର ନିର୍ମାଣ ସହ ବର୍ଷ ବର୍ଷ ଧରି ଜମି ପଡିଆ ରଖାଯାଉଛି । ଉର୍ବର ଜମି ମଧ୍ୟ ଏଥିରୁ ବାଦ୍ ପଡୁନି । ପୂର୍ବରୁ ଶ୍ରମିକଙ୍କୁ ବର୍ଷକିଆ ଚୁକ୍ତି ଭିତିରେ ନିଯୁକ୍ତି ଦିଆଯାଇ ଧାନ, ମାଣ୍ଡିଆ, ସୁଆଁ ପ୍ରଭୃତି ଭାବେ ଦିଆଯାଉଥିଲା । ଶସ୍ୟ ମାପିବା ପାଇଁ ନଉତି, ଅଡା ଆଦି ବ୍ୟବହାର କରାଯାଉଥିବା ବେଳେ ଏବେ ସବୁ ଟଙ୍କାରେ ହେଉଛି । ଟ୍ରାକ୍ଟରରେ ଜମି ଚାଷ ହେଉଛି । ସମୟ କ୍ରମେ ଅନେକ ପରିବର୍ତନ ଘଟିଛି । ଚାଷ କାମର ଶୈଳୀ ପରିବର୍ତନ ଯୋଗୁଁ ହଳ, ହୁଳହୁଳି, ହଳିଆ ଗୀତ ଏବେ ହଜିଯିବାକୁ ବସିଲାଣି ବୋଲି ବୁଦ୍ଧୀଜୀବି ମହଲରେ ଆଲୋଚିତ ହେଉଥିବା ଜଣାଯାଇଛି ।

# ଏଟିସି କ୍ୟାମ୍ପରେ ଅଗ୍ନିବୀର ଭର୍ତି ସଚେତନତା କାର୍ଯ୍ୟକ୍ରମ

ଜୟପୁର : ୧୫ ଓଡ଼ିଶା ବ୍ୟାଟାଲିଅନ୍ ଏନସିସି, ଜୟପୁର ଆୟୋଜିତ ଚାଲୁଥିବା ଏଟିସି କ୍ୟାମ୍ପରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଅଗ୍ନିବୀର ଭର୍ତି ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଏଆରଓ ଗୋପାଳପୁର, ବ୍ରହ୍ମପୁର ପକ୍ଷରୁ ପରିଚାଳନା କରାଯାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ କ୍ୟାଡେଟମାନଙ୍କୁ ଅଗ୍ନିବୀର ଯୋଜନାର ଲକ୍ଷ୍ୟ, ଯୋଗ୍ୟତା, ଅନଲାଇନ୍ ଆବେଦନ ପ୍ରକ୍ରିୟା, ଶାରୀରିକ ପରୀକ୍ଷା, ଲେଖିତ ପରୀକ୍ଷା ଓ ଚୟନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବେ ଜଣାଇଥିଲେ । ସେମାନେ କହିଥିଲେ ଯେ, ଅଗ୍ନିବୀର ଯୋଜନା ଯୁବପିଢ଼ୀଙ୍କ ପାଇଁ ଦେଶସେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ଏକ ସୁଯୋଗ ସୃଷ୍ଟି କରିଛି । କ୍ୟାଡେଟମାନଙ୍କୁ ନିୟମିତ ଅଭ୍ୟାସ, ଶାରୀରିକ ସୁସ୍ଥତା, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ରଖିବା ପାଇଁ ପ୍ରେରିତ କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ୟାଡେଟମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଏବଂ ଅଧିକାରୀମାନେ ସେଗୁଡ଼ିକର ସହଜ ଓ ସ୍ପଷ୍ଟ ଉତର ପ୍ରଦାନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ କ୍ୟାଡେଟମାନଙ୍କ ମଧ୍ୟରେ ଦେଶଭକ୍ତି, ଶୃଙ୍ଖଳା ଓ ସେନାବାହିନୀରେ ଯୋଗଦେବା ପ୍ରତି ଆଗ୍ରହ ବୃଦ୍ଧି କରିଥିଲା । କ୍ୟାମ୍ପର ସମସ୍ତ ଏଏନଓ, ପିଆଇ ଷ୍ଟାଫ୍ ଓ କ୍ୟାଡେଟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ୪୮ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ



କଟକ(ନିପ୍ର): ବିରେନ ମିତ୍ର ଫାଉଣ୍ଡେସନ ଆନୁକୂଲ୍ୟରେ ସକାଳୁ କଟକ ସ୍ଥିତ ଗଡ଼ଗଡ଼ିଆ ଘାଟରେ ବିରେନ ମିତ୍ରଙ୍କ ପାଇଁ ତିଳ ତର୍ପଣ କରାଯାଇଥିଲା । କଟକ ମିଶନ ରୋଡ ସ୍ଥିତ ବିରେନ ମିତ୍ର ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ କରାଗଲା । ଫାଉଣ୍ଡେସନ ତରଫରୁ ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଗତ ବୀରେନ ମିତ୍ରଙ୍କ ଭୂମିକା ଓ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶା ର ସାମଗ୍ରିକ ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ ଏବଂ କଟକ ସିଟି ହସ୍ପିଟାଲ କୁ ବୀରେନ ମିତ୍ରଙ୍କ ନାମରେ ନାମିତ କରିବା ପାଇଁ ଦାବି ମଧ କରିଥିଲେ । ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, କଟକର ମେୟର ସୁଭାଷ ସିଂ, ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ରାୟ, ରଶ୍ମି ରେଖା ଦାସ, ଜାତୀୟ କଂଗ୍ରେସର ରାଜ୍ୟ ମିଡିଆ ସେଲ୍‌ର ଅଧକ୍ଷ ବିଶ୍ୱଜିତ୍ ମହାନ୍ତି, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ମହମ୍ମଦ୍ ସକିଲ, କର୍ପୋରେଟର୍ ଲିପାରାଣୀ ରାଉତ ଓ ବନଲତା ପ୍ରଧାନ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭାର ଶେଷରେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ବଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ଫାଉଣ୍ଡେସନର ସାଧାରଣ ସମ୍ପାଦକ ନିମାଇଁ ଚରଣ ସାହୁ, ସାଧାରଣ ସମ୍ପାଦକ ସୋମିତ ମିତ୍ର, ଉପ ସଭାପତି ଆଦିତ୍ୟ ନାରାୟଣ ସ୍ୱାଇଁ, ଅଣନାତି ଅଭେତ ମିତ୍ର, କଟକ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, କଟକର ପୂର୍ବତନ ମେୟର ଅନିତା ବେହେରା, କଟକ ଶାନ୍ତି କମିଟିର ସମ୍ପାଦକ ଭିକାରୀ ଚରଣ ଦାସ, ଦେବେନ୍ଦ୍ର କାହାଳୀ, ରତନ ମହାନ୍ତି, ମହମ୍ମଦ ସବୀର, ବିଶିଷ୍ଟ ଶିଳ୍ପୀ କେଦାରନାଥ ବେହେରା, ପୂର୍ବତନ ଓ୍ୱାକଫ ବୋର୍ଡ ଅଧକ୍ଷ ଏକ୍ରାମ ହୁସେନ୍, କାଶୀନାଥ ମଲ୍ଲିକ, କୁଲୁ ମଲ୍ଲିକ, ଦେବାଶିଷ ଘୋଷ, ଚିରଞ୍ଜନ ବେହେରା ଏବଂ ଅନାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ସ୍ୱର୍ଗତ ବୀରେନ ମିତ୍ରଙ୍କ ସ୍ମୃତି ଚାରଣା କରିଥିଲେ । ଏତଦ୍ ବ୍ୟତିତ, କଟକ ଏବଂ ଭୁବନେଶ୍ୱର ର ବିଭିନ୍ନ ସ୍ଥାନରେ ଥିବା ସ୍ୱର୍ଗତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପାରାଦୀପ ବନ୍ଦରରେ ସର୍ବାଧିକ ପଣ୍ୟ ପରିଚାଳନା ପାଇଁ ଓଏସଏଲକୁ ଶ୍ରେଷ୍ଠ ଷ୍ଟିଭେଡୋର୍ସ ପୁରସ୍କାର



ପାରାଦୀପ(ନିପ୍ର): ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସଏଲ) ଭାରତର ପ୍ରମୁଖ ପାରାଦୀପ ବନ୍ଦରରେ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ପରିମାଣର ପଣ୍ୟ ପରିଚାଳନା ପାଇଁ ଶ୍ରେଷ୍ଠ ଷ୍ଟିଭେଡୋର୍ସ ହେବାର ଗୌରବ ହାସଲ କରି ଏହାର ଉଲ୍ଲେଖନୀୟ ଉତ୍କର୍ଷତା ଐତିହ୍ୟକୁ ଜାରି ରଖିଛି । ୨୦ ମଇ ୨୦୨୬ରେ ପାରାଦୀପର ମେଫେୟାର ବେ ରିସର୍ଟରେ ଆୟୋଜିତ ବାର୍ଷିକ ଷ୍ଟେକହୋଲ୍ଡର୍ସ ମିଟ୍ ଏବଂ ପୁରସ୍କାର ଉତ୍ସବ ୨୦୨୬ରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧକ୍ଷ ପି.ଏଲ. ହରନାଦଙ୍କ ଦ୍ୱାରା ଓଏସଏଲକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସଫଳତା ହାସଲ ପରେ, ଓଏସଏଲ ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର ଏବଂ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଓଏସଏଲ ଟିମ ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ ।

# ଆଉ ନାହାଁନ୍ତି ପୂର୍ବତନ ଯୁବବାଣୀ ସଂପାଦିକା ଡ. ରୁଦ୍ରାଣୀ ମହାନ୍ତି

ସୋର(ନିପ୍ର): କଟକ ଆକାଶବାଣୀର ପୂର୍ବତନ ଯୁବବାଣୀ ଉପସ୍ଥାପିକା, ସାହିତ୍ୟିକା ତଥା ପ୍ରାଧାପିକା ଡ. ରୁଦ୍ରାଣୀ ମହାନ୍ତିଙ୍କର ଆଜି ପୂର୍ବାହ୍ନ ୮ଟା ସବୟରେ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଗତ କିଛିଦିନ ତଳେ ଅସୁସ୍ଥ କାରଣରୁ ସେ ଏହି ହସପିଟାଲରେ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ଖବର ପାଇ ତାଙ୍କ ପରିବାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଡାକ୍ତରଖାନାରେ ପହଞ୍ଚ ଶେଷ ଦର୍ଶନ କରିବା ପରେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି । ସୋର ପୌରାଂଚଳ ଅନ୍ତର୍ଗତ ଲିଙ୍ଗପଡ଼ା ଗ୍ରାମରେ ୨୩.୭.୧୯୫୯ ଜନ୍ମ ଗ୍ରହଣ କରିଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୋରାପୁଟର ସ୍ନାତକୋତର ଓଡ଼ିଆ ବିଭାଗ ଅଧାପିକା ଭାବେ ଅବସର ନେଇଥିଲେ । ସେ ପୂର୍ବରୁ ଆକାଶବାଣୀ କଟକ କେନ୍ଦ୍ରର ଯୁବବାଣୀ କାର୍ଯ୍ୟକ୍ରମର ସଫଳ ସଂପାଦିକା ଭାବେ ସେ ସୁନାମ ଅର୍ଜନ କରିଥିଲେ । ତାଙ୍କ ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧରେ ଗଳ୍ପ- 'ଆପଣାର ଗୀତ', କବିତା-'ସୁହାଗର ସ୍ନେହରାଗ', 'ଆଧୁନିକ ଓଡ଼ିଆ କବିତାର ବିକାଶ ଓ ବିବର୍ତ୍ତନ', 'ଓଡ଼ିଶାର ଆଦିବାସୀ ଓ ଓଡ଼ିଆ ସାହିତ୍ୟ', ଆଦିବାସୀ ଜୀବନ ଅଧାରିତ ପ୍ରବନ୍ଧ-'ଖୁଁଅର', 'ଅନ୍ତରରୁ ଅନ୍ତରୀକ୍ଷ', 'ସଂସ୍କୃତି ଓ ସାହିତ୍ୟ' । 'ଶବରୀ' ନାମରେ ଲୋକସାହିତ୍ୟ ସଂଗ୍ରହ ସଂକଳନଧର୍ମୀ ତ୍ରୈମାସିକ ପତ୍ରିକା ତାଙ୍କ ଦ୍ୱାରା ସଂପାଦିତ ହେଉଥିଲା । ତାଙ୍କ ମୃତ୍ୟୁ ଖବର ପାଇ ସୋରର ରାଧାନାଥ ପାଠାଗାର, ଗାଁ ମଜଲିସ୍ ସାହିତ୍ୟ ସଂସଦ ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୋକ ପ୍ରକାଶ କରାଯାଇଛି ।

# ଖଣତ ଠାରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି



ଖୋର୍ଦ୍ଧା(ନିପ୍ର): ବାଣପୁର ବ୍ଲକ ଅନ୍ତର୍ଗତ ବିଷ୍ଣୁ ଡିହ ଗ୍ରାମ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣତ ଠାରେ ଜିଲ୍ଲାପାଳଙ୍କ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଖୋର୍ଦ୍ଧା, ଅମ୍ରିତ୍ ରତୁରାଜ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଜନ ଅଭିଯୋଗ ଶୁଣାଣିରେ ଉପ ସଭାପତି, ଜିଲ୍ଲାପରିଷଦ, ଖୋର୍ଦ୍ଧା ଗୋପୀନାଥ ମହାରଣା, ବନଖଣ୍ଡ ଅଧିକାରୀ, ବାଲୁଗାଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଉପ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋର୍ଦ୍ଧା ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ବାଣପୁର, ବି.ଡି.ଓ, ପୂନମ ମହାପାତ୍ର, ତହସିଲଦାର, ବାଣପୁର, କାହ୍ନୁ ଚରଣ ଘଡ଼ାଇ ପ୍ରମୁଖ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶିବିରକୁ ମୋଟ ୪୪ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ରୁ ୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୮ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ରତୁରାଜ ଚିକିତ୍ସା ନିମନ୍ତେ ଅଭିଯୋଗ କାରୀ ବିଷ୍ଣୁ ଡିହ ଗ୍ରାମ ର ସୁଚିତ୍ରା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ରତୁରାଜ ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ଓ ଯୋଗାଯୋଗ ଷ୍ଟଲ ଗୁଡ଼ିକୁ ବୁଲି ଅନୁଧ୍ୟାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାଟମେଂଟ ଅଧିକାରୀ, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

# ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଦିନ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ କାଉନସିଲ ପରୀକ୍ଷାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଥିବା ୪ ଛତ୍ରୀ ଛାତ୍ରଙ୍କୁ କଲେଜ ପକ୍ଷରୁ ସମ୍ମାନୀତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ପୌରୋହିତ୍ୱ କରିଥିଲେ । କୃଷ୍ଣଚନ୍ଦ୍ର ଖିଲାର ମୁଖ୍ୟଅତିଥି, ପଦ୍ମଲୋଚନ ଖିଲାର, ସରପଂଚ ରାଜେନ୍ଦ୍ର ଦାସ, ଗୋକୁଳି ଚନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ମହାନ୍ତି, କ୍ଷେତ୍ର ମୋହନ ପରିଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କର କୃତିତ୍ୱ କଲେଜର ଗାରିମା ବଢାଇଛି ବୋଲି କହିଥିଲେ । ଶେଷରେ ଚଳିତ କଳାରେ ୫୪୮ମାର୍କ ରଖିଥିବା ସସ୍ମିତା ବନ୍ଧ ଓ ୫୪୩ ମାର୍କ ରଖିଥିବା ଦେବସ୍ମିତା ସାହୁ, ବିଜ୍ଞାନ ରେ ୫୪୬ ମାର୍କ ରଖି ଟପ୍ପର ହୋଇଥିବା ନମିତା ବାରିକ, ବାଣିଜ୍ୟରେ ସର୍ବୋଚ୍ଚ ୪୯୧ମାର୍କ ରଖିଥିବା ପବିତ୍ର ବାରିକଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପ୍ରଥମ ସିଏମ୍ ଟ୍ରଫି ଭଲିବଲ ଓ କବାଡ଼ି ମହାସମାରୋହ ଉଦ୍‌ଘାଟିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରଥମ ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଭଲିବଲ ଓ କବାଡି ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ଭଲିବଲ ଆସୋସିଏସନ ଓ ଓଡ଼ିଶା କବାଡି ଆସୋସିଏସନଙ୍କ ମିଳିତ ସହଯୋଗରେ ଏହି କ୍ରୀଡା ଆୟୋଜନ କରାଯାଇଛି । ସକାଳ ଘ. ୮ ଟିକା ସମୟରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଫୁଟବଲ ସଂଘର ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାରା, ସମାଜସେବୀ ଯାଜ୍ଞଶେନୀ ମହାପାତ୍ର ଏବଂ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ସାହୁ ଉପସ୍ଥିତ ଥିଲେ । ଆରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସିଏମ୍ ଟ୍ରଫିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଆଗାମୀ ଜୁନ୍ ମାସର ପ୍ରଥମ ସପ୍ତାହରେ ଆୟୋଜିତ ହେବାକୁ ଥିବା ଜୋନାଲ୍ କ୍ରୀଡା ପ୍ରତିଯୋଗିତା ପାଇଁ ନୂଆପଡ଼ା ଜିଲ୍ଲା ଦଳ ଚୟନ ନିମନ୍ତେ ଏହି ଆୟୋଜନ କରାଯାଇଥିବା ସେ କହିଥିଲେ । ପଞ୍ଜୀକୃତ ସମସ୍ତ ଖେଳାଳି ଖେଳ ପ୍ରାଙ୍ଗଣରେ ଉପସ୍ଥିତ ଥିବାରୁ ସେ ଖୁସି ବ୍ୟକ୍ତ କରି ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟ ଅତିଥି ଶ୍ରୀ ରଇତ ନିଜ ଅଭିଭାଷଣରେ କହିଥିଲେ ଯେ, ନୂଆପଡ଼ା ଜିଲ୍ଲାର ଖେଳାଳିମାନେ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ଆସୁଛନ୍ତି । ଭଲିବଲ, କବାଡି, କୁସ୍ତି ଓ କ୍ରିକେଟ ଭଳି ବିଭିନ୍ନ କ୍ରୀଡାରେ ଜିଲ୍ଲାର ଖେଳାଳିମାନେ ନିଜ ପ୍ରତିଭା ପ୍ରମାଣ କରିଛନ୍ତି । ଆଜିର ଯୁବ ଖେଳାଳିମାନେ ସେମାନଙ୍କ ପଥ ଅନୁସରଣ କରି ଆଗାମୀ ଦିନରେ ଆହୁରି ଗୌରବ ଆଣିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ସେ ଆହୁରି କହିଥିଲେ ଯେ, ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଯେପରି ଉତ୍ସାହର ସହିତ ଖେଳାଳିମାନେ ଭାଗ ନେଉଛନ୍ତି, ତାହା ସେମାନଙ୍କ ଦୃଢ଼ ମନୋବଳ ଓ ଶାରୀରିକ କ୍ଷମତାର ପ୍ରତିଫଳନ । ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ସୁଚାରୁ ବ୍ୟବସ୍ଥାକୁ ମଧ ସେ ପ୍ରଶଂସା କରିଥିଲେ ।

# ମହିଳା ବିଜେଡିର ନାରୀ ଅଧିକାର ଅଭିଯାନ




ସୋର(ନିପ୍ର): ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ନାରୀ ଅଧିକାର ଅଭିଯାନ ସ୍ଥାନୀୟ ସୋର ଠାରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ବାଲେଶ୍ୱର ଜିଲ୍ଲାର ସଭାପତି ଜୋତିପାଣିଗ୍ରାହୀଙ୍କ ନେତୃତ୍ୱରେସୋର ନିର୍ବାଚନ ମଣ୍ଡଳୀର ସୋର ବାହାନଗା ବ୍ଲକର ହଜାର ହଜାର ସଂଖ୍ୟକ ମହିଳା ସମେତ ବିଜେଡିର ଯୁବ, ଛାତ୍ର ଓ ଛାମୁଆ ନେତୃବୃନ୍ଦ ଏହି ଅଭିଯାନରେ ସାମିଲ ହୋଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସୋର ବ୍ଲକ ଛକ ସଭାସ୍ଥଳୀକୁ ପହଂଚିଥିଲେ । ସୋର ବ୍ଲକ ଅଧକ୍ଷା ଅନୁସୟା ମଲିକ ସଭାପତିତ୍ୱରେ ଅନୁଷ୍ଠିତ ବିଜେଡିର ନାରୀ ଅଧିକାର ଅଭିଯାନ ସମାବେଶରେ ଉପସ୍ଥିତ ରାଜ୍ୟ, ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରୀୟ ଆଗଧାଡ଼ିର ଦଳୀୟ ନେତୃବୃନ୍ଦଙ୍କୁ ଦଳୀୟ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସମାବେଶରେ ସୋର ବିଧାୟକ ମାଧବ ଧଡ଼ା, ବାଲେଶ୍ୱର ଜିଲା ନେତ୍ରୀ ଶୁଭଲକ୍ଷ୍ମୀ ମାଝୀ ଓ ପୁଷ୍ପଲତା ଜେନା ଯୋଗଦେଇ ରାଜ୍ୟରେ ନାରୀ ମାନଙ୍କୁ ସୁରକ୍ଷା ଓ ସଂରକ୍ଷଣ ଦେବାରେ ଡବଲ ଇଞ୍ଜିନ ବିଜେପି ସରକାର ବିଫଳ ହୋଇଛି ବୋଲି କହିଥିଲେ । ଦେଶରେ ୫୪୩ ଆସନରେ ମହିଳାଙ୍କୁ ୩୩% ସଂରକ୍ଷଣ, ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ପ୍ରତି ବଢୁଥିବା ନିର୍ଯାତନା ବନ୍ଦ କରିବା ଏବଂ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ପଂଚାୟତି ରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦% ବୃଦ୍ଧି ସୀମା ପୁନଃନିର୍ଦ୍ଧାରଣ ବିଲକୁ ଲୁକ୍କାୟିତ ଭାବରେ ମହିଳା ସଂରକ୍ଷଣ ବିଲ ନାଁରେ ପାଳିତ କରିବାରେ ଅପଚେଷ୍ଟା ଓ ହୀନ ଚକ୍ରାନ୍ତକୁ ଯଥାଶୀଘ୍ର ବନ୍ଦ କରିବା ପାଇଁ ବିଧାୟକ ଶ୍ରୀ ଧଡ଼ା ଏବଂ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଥିଲେ । ଏହି ସମାବେଶରେ ସୁକାନ୍ତ ମିଶ୍ର, ଶଙ୍କର୍ଷଣ ବାରିକ, ପ୍ରଦୀପ ଜେନା, ବାସନ୍ତୀ ପଣ୍ଡା.ଗଙ୍ଗାଧର ମିଶ୍ର ଏବଂ ସୋର ବ୍ଲକ ଓ ବାହାନଗା ବ୍ଲକ ରୁ ସମସ୍ତ ସରପଂଚ ସମିତି ସଭ୍ୟ ସଭ୍ୟା ଏବଂ ବିଜେଡି ଦଳ ରୁ ବହୁ ଛାମୁଆ ନେତା ଯୋଗ ଦେଇଥିଲେ ।

# ୧୪ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ୍ ଉଦ୍‌ଘାଟିତ

ବାରିପଦା(ନିପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଏବଂ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ଉଦଘାଟିତ ହୋଇଯାଇଛି. ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ଚାମ୍ପିୟାନସିପକୁ ଉଦଘାଟନ କରିବା ସହ ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ. ଅନ୍ୟ ମାନଙ୍କ ମଧରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମ୍ବିକା ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଂଟୁ ଦା) ପ୍ରମୁଖ ଉପସ୍ଥିତ ଥିଲେ. ବାଳକ ବିଭାଗର ପ୍ରଥମ ମ୍ୟାଚରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ୫-୦ ଗୋଲରେ ଚଢେଇଗାଁ ଉଚ୍ଚ ବିଦ୍ୟାଳୟ, ମୋରଡା କୁ, ଦ୍ୱିତୀୟ ମ୍ୟାଚରେ ଦେଉଳି ୟୁନାଇଟେଡ଼ ଫୁଟବଲ କ୍ଲବ, ଶୁଳିଆପଦା ୫-୦ ଗୋଲରେ ଫିଉଚର ଷ୍ଟାର ଏକାଡେମୀ, ବାରିପଦାକୁ, ତୃତୀୟ ମ୍ୟାଚରେ ବାଦାମପାହାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୭-୧ ଗୋଲରେ ୟୁଏନଜି ସରକାରୀ ଉଚ୍ଚ ବିଦ୍ୟାଳୟ ବାରମାଇଲକୁ ପରାସ୍ତ କରିଥିବା ବେଳେ ବାଳିକା ବିଭାଗରେ ସତକୋଶିଆ ଛଢ଼େଇଗାଁ ୧୪-୦ ଗୋଲରେ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଛି । ବାପୁନ କୁମାର ମହାନ୍ତ, କେଶବ ସୋରେନ, ନାରାୟଣ ହାଁସଦା, ଯୁଗସେଙ୍ଗଲ ସୋରେନ, ସମ୍ରାଟ ହେମ୍ବ୍ରମ, ଲୋକନାଥ ହେମ୍ବ୍ରମ, ଅମ୍ବିକା ହେମ୍ବ୍ରମ, ସୁଭଦ୍ରା ହେମ୍ବ୍ରମ ଓ ସୋମବାରୀ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ । ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିୟାନସିପରେ ବାଳକ ବିଭାଗରେ ୭ଟି ଓ ବାଳିକା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି ବୋଲି ଗଣମାଧମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି. ଶ୍ରୀନିବାସ ହେମ୍ବ୍ରମ ଓ ରାଇସେନ ଟୁଡୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ୪୮ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ



କଟକ(ନିପ୍ର): ବିରେନ ମିତ୍ର ଫାଉଣ୍ଡେସନ ଆନୁକୂଲ୍ୟରେ ସକାଳୁ କଟକ ସ୍ଥିତ ଗଡ଼ଗଡ଼ିଆ ଘାଟରେ ବିରେନ ମିତ୍ରଙ୍କ ପାଇଁ ତିଳ ତର୍ପଣ କରାଯାଇଥିଲା । କଟକ ମିଶନ ରୋଡ ସ୍ଥିତ ବିରେନ ମିତ୍ର ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ କରାଗଲା । ଫାଉଣ୍ଡେସନ ତରଫରୁ ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଗତ ବୀରେନ ମିତ୍ରଙ୍କ ଭୂମିକା ଓ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶା ର ସାମଗ୍ରିକ ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ ଏବଂ କଟକ ସିଟି ହସ୍ପିଟାଲ କୁ ବୀରେନ ମିତ୍ରଙ୍କ ନାମରେ ନାମିତ କରିବା ପାଇଁ ଦାବି ମଧ କରିଥିଲେ । ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, କଟକର ମେୟର ସୁଭାଷ ସିଂ, ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ରାୟ, ରଶ୍ମି ରେଖା ଦାସ, ଜାତୀୟ କଂଗ୍ରେସର ରାଜ୍ୟ ମିଡିଆ ସେଲ୍‌ର ଅଧକ୍ଷ ବିଶ୍ୱଜିତ୍ ମହାନ୍ତି, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ମହମ୍ମଦ୍ ସକିଲ, କର୍ପୋରେଟର୍ ଲିଯାରାଣୀ ରାଉତ ଓ ବନଲତା ପ୍ରଧାନ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭାର ଶେଷରେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ବଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର ସାଧାରଣ ସମ୍ପାଦକ ନିମାଇଁ ଚରଣ ସାହୁ, ସାଧାରଣ ସମ୍ପାଦକ ସୋମିତ ମିତ୍ର, ଉପ ସଭାପତି ଆଦିତ୍ୟ ନାରାୟଣ ସ୍ୱାଇଁ, ଅଣନାତି ଅଭେତ ମିତ୍ର, କଟକ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, କଟକର ପୂର୍ବତନ ମେୟର ଅନିତା ବେହେରା, କଟକ ଶାନ୍ତି କମିଟିର ସମ୍ପାଦକ ଭିକାରୀ ଚରଣ ଦାସ, ଦେବେନ୍ଦ୍ର କାହାଳୀ, ରତନ ମହାନ୍ତି, ମହମ୍ମଦ ସବୀର, ବିଶିଷ୍ଟ ଶିଳ୍ପୀ କେଦାରନାଥ ବେହେରା, ପୂର୍ବତନ ଓ୍ୱାକଫ ବୋର୍ଡ ଅଧକ୍ଷ ଏକ୍ରାମ ହୁସେନ୍, କାଶୀନାଥ ମଲ୍ଲିକ, କୁଲୁ ମଲ୍ଲିକ, ଦେବାଶିଷ ଘୋଷ, ଚିରଞ୍ଜନ ବେହେରା ଏବଂ ଅନାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ସ୍ୱର୍ଗତ ବୀରେନ ମିତ୍ରଙ୍କ ସ୍ମୃତି ଚାରଣା କରିଥିଲେ । ଏତଦ୍ ବ୍ୟତିତ, କଟକ ଏବଂ ଭୁବନେଶ୍ୱର ର ବିଭିନ୍ନ ସ୍ଥାନରେ ଥିବା ସ୍ୱର୍ଗତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପାରାଦୀପ ବନ୍ଦରରେ ସର୍ବାଧିକ ପଣ୍ୟ ପରିଚାଳନା ପାଇଁ ଓଏସଏଲକୁ ଶ୍ରେଷ୍ଠ ଷ୍ଟିଭେଡୋର୍ସ ପୁରସ୍କାର



ପାରାଦୀପ(ନିପ୍ର): ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସଏଲ) ଭାରତର ପ୍ରମୁଖ ପାରାଦୀପ ବନ୍ଦରରେ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ପରିମାଣର ପଣ୍ୟ ପରିଚାଳନା ପାଇଁ ଶ୍ରେଷ୍ଠ ଷ୍ଟିଭେଡୋର୍ସ ହେବାର ଗୌରବ ହାସଲ କରି ଏହାର ଉଲ୍ଲେଖନୀୟ ଉତ୍କର୍ଷତା ଐତିହ୍ୟକୁ ଜାରି ରଖିଛି । ୨୦ ମଇ ୨୦୨୬ରେ ପାରାଦୀପର ମେଫେୟାର ବେ ରିସର୍ଟରେ ଆୟୋଜିତ ବାର୍ଷିକ ଷ୍ଟେକହୋଲ୍ଡର୍ସ ମିଟ୍ ଏବଂ ପୁରସ୍କାର ଉତ୍ସବ ୨୦୨୬ରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ପି.ଏଲ. ହରନାଦଙ୍କ ଦ୍ୱାରା ଓଏସଏଲକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସଫଳତା ହାସଲ ପରେ, ଓଏସଏଲ ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର ଏବଂ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଓଏସଏଲ ଟିମ ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ ।

# ଆଉ ନାହାଁନ୍ତି ପୂର୍ବତନ ଯୁବବାଣୀ ସଂପାଦିକା ଡ. ରୁଦ୍ରାଣୀ ମହାନ୍ତି

ସୋର(ନିପ୍ର): କଟକ ଆକାଶବାଣୀର ପୂର୍ବତନ ଯୁବବାଣୀ ଉପସ୍ଥାପିକା, ସାହିତ୍ୟିକା ତଥା ପ୍ରାଧାପିକା ଡ. ରୁଦ୍ରାଣୀ ମହାନ୍ତିଙ୍କର ଆଜି ପୂର୍ବାହ୍ନ ୮ଟା ସବୟରେ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଗତ କିଛଇଦିନ ତଳେ ଅସୁସ୍ଥ କାରଣରୁ ସେ ଏହି ହସପିଟାଲରେ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ଘବର ପାଇ ତାଙ୍କ ପରିବାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଡାକ୍ତରଖାନାରେ ପହଞ୍ଚ ଶେଷ ଦର୍ଶନ କରିବା ପରେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି । ସୋର ପୌରାଂଚଳ ଅନ୍ତର୍ଗତ ଲିଙ୍ଗପଡ଼ା ଗ୍ରାମରେ ୨୩.୭.୧୯୫୯ ଜନ୍ମ ଗ୍ରହଣ କରିଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୋରାପୁଟର ସ୍ନାତକୋତର ଓଡ଼ିଆ ବିଭାଗ ଅଧାପିକା ଭାବେ ଅବସର ନେଇଥିଲେ । ସେ ପୂର୍ବରୁ ଆକାଶବାଣୀ କଟକ କେନ୍ଦ୍ରର ଯୁବବାଣୀ କାର୍ଯ୍ୟକ୍ରମର ସଫଳ ସଂପାଦିକା ଭାବେ ସେ ସୁନାମ ଅର୍ଜନ କରିଥିଲେ । ତାଙ୍କ ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଗଳ୍ପ- 'ଆପଣାର ଗୀତ', କବିତା-'ସୁହାଗର ସ୍ନେହରାଗ', 'ଆଧୁନିକ ଓଡ଼ିଆ କବିତାର ବିକାଶ ଓ ବିବର୍ତ୍ତନ', 'ଓଡ଼ିଶାର ଆଦିବାସୀ ଓ ଓଡ଼ିଆ ସାହିତ୍ୟ', ଆଦିବାସୀ ଜୀବନ ଅଧାରିତ ପ୍ରବନ୍ଧ-'ଖୁଁଅର', 'ଅନ୍ତରରୁ ଅନ୍ତରୀକ୍ଷ', 'ସଂସ୍କୃତି ଓ ସାହିତ୍ୟ' । 'ଶବରୀ' ନାମରେ ଲୋକସାହିତ୍ୟ ସଂଗ୍ରହ ସଂକଳନଧର୍ମୀ ତ୍ରୈମାସିକ ପତ୍ରିକା ତାଙ୍କ ଦ୍ୱାରା ସଂପାଦିତ ହେଉଥିଲା । ତାଙ୍କ ମୃତ୍ୟୁ ଖବର ପାଇ ସୋରର ରାଧାନାଥ ପାଠାଗାର, ଗାଁ ମଜଲିସ୍ ସାହିତ୍ୟ ସଂସଦ ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୋକ ପ୍ରକାଶ କରାଯାଇଛି ।

# ଖଣତ ଠାରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି



ଖୋର୍ଦ୍ଧା(ନିପ୍ର): ବାଣପୁର ବ୍ଲକ ଅନ୍ତର୍ଗତ ବିଷ୍ଣୁ ଡିହ ଗ୍ରାମ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣତ ଠାରେ ଜିଲ୍ଲାପାଳଙ୍କ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଖୋର୍ଦ୍ଧା, ଅମ୍ରିତ୍ ଋତୁରାଜ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଜନ ଅଭିଯୋଗ ଶୁଣାଣିରେ ଉପ ସଭାପତି, ଜିଲ୍ଲାପରିଷଦ, ଖୋର୍ଦ୍ଧା ଗୋପୀନାଥ ମହାରଣା, ବନଖଣ୍ଡ ଅଧିକାରୀ, ବାଲୁଗାଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଉପ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋର୍ଦ୍ଧା ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ବାଣପୁର, ବି.ଡି.ଓ, ପୂନମ ମହାପାତ୍ର, ତହସିଲଦାର, ବାଣପୁର, କାହ୍ନୁ ଚରଣ ଘଡ଼ାଇ ପ୍ରମୁଖ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶିବିରକୁ ମୋଟ ୪୪ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୮ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ଋତୁରାଜ ଚିକିତ୍ସା ନିମନ୍ତେ ଅଭିଯୋଗ କାରୀ ବିଷ୍ଣୁ ଡିହ ଗ୍ରାମ ର ସୁଚିତ୍ରା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ଋତୁରାଜ ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ଓ ଯୋଗାଯୋଗ ଷ୍ଟଲ ଗୁଡ଼ିକୁ ବୁଲି ଅନୁଧ୍ୟାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାଟର୍ମେଂଟ ଅଧିକାରୀ, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

# ଜୟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜୟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଦିନ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ କାଉନସିଲ ପରୀକ୍ଷାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଥିବା ୪ ଛତ୍ରୀ ଛାତ୍ରଙ୍କୁ କଲେଜ ପକ୍ଷରୁ ସମ୍ମାନୀତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ପୌରୋହିତ୍ୱ କରିଥିଲେ । କୃଷ୍ଣଚନ୍ଦ୍ର ଖିଲାର ମୁଖ୍ୟଅତିଥି, ପଦ୍ମଲୋଚନ ଖିଲାର, ସରପଂଚ ରାଜେନ୍ଦ୍ର ଦାସ, ଗୋକୁଳି ଚନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ମହାନ୍ତି, କ୍ଷେତ୍ର ମୋହନ ପରିଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କର କୃତିତ୍ୱ କଲେଜର ଗାରିମା ବଢାଇଛି ବୋଲି କହିଥିଲେ । ଶେଷରେ ଚଳିତ କଳାରେ ୫୪୮ମାର୍କ ରଖିଥିବା ସସ୍ମିତା ବନ୍ଧ ଓ ୫୪୩ ମାର୍କ ରଖିଥିବା ଦେବସ୍ମିତା ସାହୁ, ବିଜ୍ଞାନ ରେ ୫୪୬ ମାର୍କ ରଖି ଟପ୍ପର ହୋଇଥିବା ନମିତା ବାରିକ, ବାଣିଜ୍ୟରେ ସର୍ବୋଚ୍ଚ ୪୯୧ମାର୍କ ରଖିଥିବା ପବିତ୍ର ବାରିକଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପ୍ରଥମ ସିଏମ୍ ଟ୍ରଫି ଭଲିବଲ ଓ କବାଡ଼ି ମହାସମାରୋହ ଉଦ୍‌ଘାଟିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରଥମ ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଭଲିବଲ ଓ କବାଡି ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ଭଲିବଲ ଆସୋସିଏସନ ଓ ଓଡ଼ିଶା କବାଡି ଆସୋସିଏସନଙ୍କ ମିଳିତ ସହଯୋଗରେ ଏହି କ୍ରୀଡା ଆୟୋଜନ କରାଯାଇଛି । ସକାଳ ଘ. ୮ ଟିକା ସମୟରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଫୁଟବଲ ସଂଘର ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାରା, ସମାଜସେବୀ ଯାଜ୍ଞଶେନୀ ମହାପାତ୍ର ଏବଂ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ସାହୁ ଉପସ୍ଥିତ ଥିଲେ । ଆରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସିଏମ୍ ଟ୍ରଫିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଆଗାମୀ ଜୁନ୍ ମାସର ପ୍ରଥମ ସପ୍ତାହରେ ଆୟୋଜିତ ହେବାକୁ ଥିବା ଜୋନାଲ୍ କ୍ରୀଡା ପ୍ରତିଯୋଗିତା ପାଇଁ ନୂଆପଡ଼ା ଜିଲ୍ଲା ଦଳ ଚୟନ ନିମନ୍ତେ ଏହି ଆୟୋଜନ କରାଯାଇଥିବା ସେ କହିଥିଲେ । ପଞ୍ଜୀକୃତ ସମସ୍ତ ଖେଳାଳି ଖେଳ ପ୍ରାଙ୍ଗଣରେ ଉପସ୍ଥିତ ଥିବାରୁ ସେ ଖୁସି ବ୍ୟକ୍ତ କରି ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟ ଅତିଥି ଶ୍ରୀ ରଇତ ନିଜ ଅଭିଭାଷଣରେ କହିଥିଲେ ଯେ, ନୂଆପଡ଼ା ଜିଲ୍ଲାର ଖେଳାଳିମାନେ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ଆସୁଛନ୍ତି । ଭଲିବଲ, କବାଡି, କୁସ୍ତି ଓ କ୍ରିକେଟ ଭଳି ବିଭିନ୍ନ କ୍ରୀଡାରେ ଜିଲ୍ଲାର ଖେଳାଳିମାନେ ନିଜ ପ୍ରତିଭା ପ୍ରମାଣ କରିଛନ୍ତି । ଆଜିର ଯୁବ ଖେଳାଳିମାନେ ସେମାନଙ୍କ ପଥ ଅନୁସରଣ କରି ଆଗାମୀ ଦିନରେ ଆହୁରି ଗୌରବ ଆଣିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ସେ ଆହୁରି କହିଥିଲେ ଯେ, ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଯେପରି ଉତ୍ସାହର ସହିତ ଖେଳାଳିମାନେ ଭାଗ ନେଉଛନ୍ତି, ତାହା ସେମାନଙ୍କ ଦୃଢ଼ ମନୋବଳ ଓ ଶାରୀରିକ କ୍ଷମତାର ପ୍ରତିଫଳନ । ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ସୁଚାରୁ ବ୍ୟବସ୍ଥାକୁ ମଧ ସେ ପ୍ରଶଂସା କରିଥିଲେ ।

# ମହିଳା ବିଜେଡିର ନାରୀ ଅଧିକାର ଅଭିଯାନ




ସୋର(ନିପ୍ର): ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ନାରୀ ଅଧିକାର ଅଭିଯାନ ସ୍ଥାନୀୟ ସୋର ଠାରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ବାଲେଶ୍ୱର ଜିଲ୍ଲାର ସଭାପତି ଜୋତିପାଣିଗ୍ରାହୀଙ୍କ ନେତୃତ୍ୱରେସୋର ନିର୍ବାଚନ ମଣ୍ଡଳୀର ସୋର ବାହାନଗା ବ୍ଲକର ହଜାର ହଜାର ସଂଖ୍ୟକ ମହିଳା ସମେତ ବିଜେଡିର ଯୁବ, ଛାତ୍ର ଓ ଛାମୁଆ ନେତୃବୃନ୍ଦ ଏହି ଅଭିଯାନରେ ସାମିଲ ହୋଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସୋର ବ୍ଲକ ଛକ ସଭାସ୍ଥଳୀକୁ ପହଂଚିଥିଲେ । ସୋର ବ୍ଲକ ଅଧକ୍ଷା ଅନୁସୟା ମଲିକ ସଭାପତିତ୍ୱରେ ଅନୁଷ୍ଠିତ ବିଜେଡିର ନାରୀ ଅଧିକାର ଅଭିଯାନ ସମାବେଶରେ ଉପସ୍ଥିତ ରାଜ୍ୟ, ଜିଲ୍ଲା, ବ୍ଲକ ଓ ପଂଚାୟତ ସୁରୀୟ ଆଗଧାଡ଼ିର ଦଳୀୟ ନେତୃବୃନ୍ଦଙ୍କୁ ଦଳୀୟ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସମାବେଶରେ ସୋର ବିଧାୟକ ମାଧବ ଧଡ଼ା, ବାଲେଶ୍ୱର ଜିଲା ନେତ୍ରୀ ଶୁଭଲକ୍ଷ୍ମୀ ମାଝୀ ଓ ପୁଷ୍ପଲତା ଜେନା ଯୋଗଦେଇ ରାଜ୍ୟରେ ନାରୀ ମାନଙ୍କୁ ସୁରକ୍ଷା ଓ ସଂରକ୍ଷଣ ଦେବାରେ ଡବଲ ଇଞ୍ଜିନ ବିଜେପି ସରକାର ବିଫଳ ହୋଇଛି ବୋଲି କହିଥିଲେ । ଦେଶରେ ୫୪୩ ଆସନରେ ମହିଳାଙ୍କୁ ୩୩% ସଂରକ୍ଷଣ, ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ପ୍ରତି ବଢୁଥିବା ନିର୍ଯାତନା ବନ୍ଦ କରିବା ଏବଂ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ପଂଚାୟତିରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦% ବୃଦ୍ଧି ସୀମା ପୁନଃନିର୍ଦ୍ଧାରଣ ବିଲକୁ ଲୁକ୍କାୟିତ ଭାବରେ ମହିଳା ସଂରକ୍ଷଣ ବିଲ ନାଁରେ ପାଳିତ କରିବାରେ ଅପଚେଷ୍ଟା ଓ ହୀନ ଚକ୍ରାନ୍ତକୁ ଯଥାଶୀଘ୍ର ବନ୍ଦ କରିବା ପାଇଁ ବିଧାୟକ ଶ୍ରୀ ଧଡ଼ା ଏବଂ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଥିଲେ । ଏହି ସମାବେଶରେ ସୁକାନ୍ତ ମିଶ୍ର, ଶଙ୍କର୍ଷଣ ବାରିକ, ପ୍ରଦୀପ ଜେନା, ବାସନ୍ତୀ ପଣ୍ଡା.ଗଙ୍ଗାଧର ମିଶ୍ର ଏବଂ ସୋର ବ୍ଲକ ଓ ବାହାନଗା ବ୍ଲକ ରୁ ସମସ୍ତ ସରପଂଚ ସମିତି ସଭ୍ୟ ସଭ୍ୟା ଏବଂ ବିଜେଡି ଦଳ ରୁ ବହୁ ଛାମୁଆ ନେତା ଯୋଗ ଦେଇଥିଲେ ।

# ୧୪ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ୍ ଉଦ୍‌ଘାଟିତ

ବାରିପଦା(ନିପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଏବଂ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ଉଦଘାଟିତ ହୋଇଯାଇଛି. ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ଚାମ୍ପିୟାନସିପକୁ ଉଦଘାଟନ କରିବା ସହ ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମ୍ବିକା ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଂଟୁ ଦା) ପ୍ରମୁଖ ଉପସ୍ଥିତ ଥିଲେ. ବାଳକ ବିଭାଗର ପ୍ରଥମ ମ୍ୟାଚରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ୫-୦ ଗୋଲରେ ଚଢେଇଗାଁ ଉଚ୍ଚ ବିଦ୍ୟାଳୟ, ମୋରଡା କୁ, ଦ୍ୱିତୀୟ ମ୍ୟାଚରେ ଦେଉଳି ୟୁନାଇଟେଡ଼ ଫୁଟବଲ କ୍ଲବ, ଶୁଳିଆପଦା ୫-୦ ଗୋଲରେ ଫିଉଚର ଷ୍ଟାର ଏକାଡେମୀ, ବାରିପଦାକୁ, ତୃତୀୟ ମ୍ୟାଚରେ ବାଦାମପାହାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୭-୧ ଗୋଲରେ ୟୁଏନଜି ସରକାରୀ ଉଚ୍ଚ ବିଦ୍ୟାଳୟ ବାରମାଇଲକୁ ପରାସ୍ତ କରିଥିବା ବେଳେ ବାଳିକା ବିଭାଗରେ ସତକୋଶିଆ ଛଡ଼େଇଗାଁ ୧୪-୦ ଗୋଲରେ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଛି । ବାପୁନ କୁମାର ମହାନ୍ତ, କେଶବ ସୋରେନ, ନାରାୟଣ ହାଁସଦା, ଯୁଗସେଙ୍ଗଲ ସୋରେନ, ସମ୍ରାଟ ହେମ୍ବ୍ରମ, ଲୋକନାଥ ହେମ୍ବ୍ରମ, ଅମ୍ବିକା ହେମ୍ବ୍ରମ, ସୁଭଦ୍ରା ହେମ୍ବ୍ରମ ଓ ସୋମବାରୀ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ । ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିୟାନସିପରେ ବାଳକ ବିଭାଗରେ ୭ଟି ଓ ବାଳିକା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି ବୋଲି ଗଣମାଧମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି. ଶ୍ରୀନିବାସ ହେମ୍ବ୍ରମ ଓ ରାଇସେନ ଟୁଡୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଆଜିଠାରୁ ଦୁଇ ଦିନିଆ ସିକିମ ଗସ୍ତ କରିବେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୬ ମେ ରୁ ୨୮ ମେ ପର୍ଯ୍ୟନ୍ତ ସିକିମ ଗସ୍ତ କରିବେ । ଏହି ସମୟରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ପରିଦର୍ଶନ କରିବେ । ରାଷ୍ଟ୍ରପତି ଭବନ ଦ୍ୱାରା ଜାରି କରାଯାଇଥିବା ସରକାରୀ କାର୍ଯ୍ୟସୂଚୀ ଅନୁଯାୟୀ, ରାଷ୍ଟ୍ରପତି ୨୬ ମେ ରେ ଗ୍ୟାଙ୍ଗଟକ୍ର ନାମଗ୍ୟାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ତିବ୍ବତୋଲୋଜି ପରିଦର୍ଶନ କରିବେ । ଏହି ପ୍ରତିଷ୍ଠାନକୁ ତିବ୍ବତୀୟ ଅଧ୍ୟୟନ ଏବଂ ବୌଦ୍ଧ ସଂସ୍କୃତିର ଏକ ପ୍ରମୁଖ କେନ୍ଦ୍ର ଭାବରେ ବିବେଚନା କରାଯାଏ । ୨୭ ମେ ରେ ରାଷ୍ଟ୍ରପତି ନାଥୁ ଲା ପାସ୍ ପରିଦର୍ଶନ କରିବେ । ସେହିଦିନ ସେ ସିକିମ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମଧ ଯୋଗଦେବେ । ଗ୍ୟାଙ୍ଗଟକ୍ ଗସ୍ତ ଶେଷ ଦିନରେ ରାଷ୍ଟ୍ରପତି ସିକିମ୍ ପୋଲିସକୁ 'ପ୍ରେସିଡେଂଟ୍ ଅଫ୍ ଇଣ୍ଡିଆ ପୋଲିସ୍ କଲର୍ 'ପ୍ରଦାନ କରିବେ ।

# ଗଂଜାମ ଜିଲ୍ଲାର ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲର ସୁଶାନ୍ତ ସାହୁ (ପିତା – ବାମଦେବ ସାହୁ) ଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି ।

# ଓଇଆରସି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ପ୍ରଦୀପ କୁମାର ଜେନା



ଭୁବନେଶ୍ୱର: ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ପ୍ରଦୀପ ଜେନା । ବ୍ୟକ୍ତିଗତ କାରଣ ଦର୍ଶାଇ ସେ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି । ଏନେଇ ଶକ୍ତି ବିଭାଗ ପକ୍ଷରୁ ସୋମବାର ଏକ ଅଧିସୂଚନା ଜାରି କରାଯାଇଛି । ପ୍ରଦୀପଙ୍କ ଇସ୍ତଫାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ରାଜ୍ୟପାଳଙ୍କ ଆଦେଶ କ୍ରମେ ଇସ୍ତଫାକୁ ଗ୍ରହଣ କରାଯାଇଥିବା ବେଳେ,୨୦୨୬ ମେ ୨୫ରେ ପ୍ରଦୀପ ପଦ ଛାଡ଼ିବାକୁ ଅନୁମତି ପାଇଛନ୍ତି । ଜଣେ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଭାବେ ପ୍ରଦୀପ କୁମାର ଜେନା ଓଇଆରସିର ଅଧ୍ୟକ୍ଷ ଭାବେ ରାଜ୍ୟର ବିଦ୍ୟୁତ ବିତରଣ ଏବଂ ଶୁଳ୍କ ପରିଚାଳନା ସମ୍ବନ୍ଧୀୟ ନିୟାମକ ତଥା ନୀତିଗତ ବିଷୟ ଗୁଡ଼ିକର ତଦାରଖ କରୁଥିଲେ ।



# ଦେଶର ସୀମାବର୍ତ୍ତୀ ଅଂଚଳ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବେ ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଗାମୀ କିଛି ଦିନ ମଧ୍ୟରେ ଦେଶର ବିଭିନ୍ନ ସୀମାନ୍ତ ଅଂଚଳ ପରିଦର୍ଶନ କରିବେ ଏବଂ ସୀମା ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ବୈଠକ କରିବେ । ଏହି ସମୟରେ ସେ ସୁରକ୍ଷା ବାହିନୀର ଯବାନମାନଙ୍କ ସହ କଥାବାର୍ତ୍ତା କରିବା ସହିତ ସୀମାବର୍ତ୍ତୀ ଅଂଚଳରେ ସୁରକ୍ଷା ବ୍ୟବସ୍ଥାର ମଧ ସମୀକ୍ଷା କରିବେ । ଗୃହମନ୍ତ୍ରୀ ଅମିତ ଶାହାଙ୍କ କାର୍ଯ୍ୟାଳୟ ଅନୁଯାୟୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ବିକାନେର ପହଂଚିବା ପରେ ମଙ୍ଗଳବାର ସକାଳେ ସୀମା ସୁରକ୍ଷା ବାହିନୀ (ବି. ଏସ୍. ଏଫ୍.) ର ସୀମା ଆଉଟପୋଷ୍ଟ ସାଂଚୁ ପରିଦର୍ଶନ କରିବେ । ସେଠାରେ ସେ ଯବାନମାନଙ୍କ ସହ ଭାବ ବିନିମୟ କରିବେ ଏବଂ ସୁରକ୍ଷା ବାହିନୀ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଉଦଘାଟନ କରିବେ । ଏହା ପରେ ଅପରାହ୍ନ ୨ଟାରେ ବିକାନେରରେ ସୀମାବର୍ତ୍ତୀ ଅଂଚଳର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରାଜସ୍ଥାନ ସରକାର ଏବଂ ବି. ଏସ୍. ଏଫ୍. ର ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ରାଜସ୍ଥାନର ପାଂଚଟି ସୀମାନ୍ତ ଜିଲ୍ଲାର ଜିଲ୍ଲା ଅଧିକାରୀ ଏବଂ ପୋଲିସ ଅଧୀକ୍ଷକ ମଧ ଉପସ୍ଥିତ ରହିବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ୨୯ ମଇ ଦିନ ଗୁଜରାଟର ଭୁଜ ଗସ୍ତ କରିବେ । ଏହି ସମୟରେ ସେ ବି. ଏସ୍. ଏଫ୍. ର ସୀମା ଆଉଟପୋଷ୍ଟ ପରିଦର୍ଶନ କରିବେ ଏବଂ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନାଲା ଅଂଚଳ ମଧ ପରିଦର୍ଶନ କରିବେ ।

# ପୁରୀରେ ହେବ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ ସମ୍ମିଳନୀ

## ଯୋଗ ଦେବେ ବ୍ରିକ୍ସ ରାଷ୍ଟ୍ରସମୂହର ପ୍ରତିନିଧି ଏବଂ ବିଶେଷଜ୍ଞବୃନ୍ଦ




ଭୁବନେଶ୍ୱର : ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ଆୟୋଜିତ ହେବାକୁ ଥିବା "ଡିଜାଷ୍ଟର ରିସ୍କ ରିଡକ୍ସନ୍ ୱାର୍କିଂ ଗ୍ରୁପ୍ ର ବୈଷୟିକ ସମ୍ମିଳନୀ ଆସନ୍ତା ୩ ରୁ ୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାର ପୁରୀରେ ତାଜ୍ ପୁରୀ ରିସୋର୍ଟଠାରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ବ୍ରିକ୍ସଦେଶଗୁଡ଼ିକର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧକ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଉଲ୍ଲେଖଯୋଗ୍ୟ ଯେ, ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ଋଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ୟୁଏଇ ଏବଂ ଚାଇନା ଆଦି ଦେଶର ପ୍ରତିନିଧିଗଣ ଏହି ସମ୍ମିଳନୀରେ ଯୋଗ ଦେବେ । ଓଡ଼ିଶାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜକ ଭାବେ ଚୟନ କରାଯାଇଥିବାର ପ୍ରଚ୍ଛଦରେ ରହିଛି ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ରାଜ୍ୟର ସକ୍ରିୟ, ସଫଳ ଏବଂ ସୁଦୃଢ଼ ପଦକ୍ଷେପ । ବିଶେଷକରି ବାତ୍ୟା ପରିଚାଳନା, ଗୋଷ୍ଠୀ-ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ ନିମନ୍ତେ ଓଡିଶା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଆସିଛି । ଏହି ବୈଷୟିକ ସମ୍ମିଳନୀ ମାଧ୍ୟମରେ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଜ୍ଞାନ-ବିନିମୟ, ନୂତନ ପ୍ରଯୁକ୍ତି ଓ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ଆଲୋଚନା ହେବା ସହିତ ପାରସ୍ପରିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି । ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ରାଷ୍ଟ୍ରସମୂହଙ୍କୁ ନେଇ ଏପରି ଏକ ବୈଷୟିକ ସମ୍ମିଳନୀ ପୁରୀଠାରେ ଅୟୋଜିତ ହେବା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସଫଳତା ଓ ଦକ୍ଷତାକୁ ଅନ୍ତର୍ଜାତୀୟସ୍ତରରେ ପ୍ରଚାରିତ କରିବା ସହ ବିଶ୍ୱସ୍ତରରେ ଓଡ଼ିଶାର ଛବିକୁ ଆହୁରି ସମୃଦ୍ଧ କରିବ ।

# ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ଉପରେ ଆନ୍ତଃ-ମନ୍ତ୍ରଣାଳୟ ସାପ୍ତାହିକ ସମ୍ମିଳନୀ

ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ବିକଶିତ ପରିସ୍ଥିତି ମଧ୍ୟରେ, ଭାରତ ସରକାର ନିୟମିତ ଅପଡେଟ୍ ମାଧ୍ୟମରେ ନାଗରିକମାନଙ୍କୁ ସୂଚନା ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ, ଆଜି ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ଗଣମାଧ୍ୟମ ବ୍ରିଫିଂ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିରତା ବଜାୟ ରଖିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅପଡେଟ୍ ପ୍ରଦାନ କରିଥିଲେ । ରସାୟନ ଏବଂ ସାର ମନ୍ତ୍ରଣାଳୟ ମଧ ଦେଶରେ ସାରର ଉପଲବ୍ଧତା ଏବଂ ଷ୍ଟକ୍ ସ୍ଥିତି ସମ୍ପର୍କରେ ଅପଡେଟ୍ ସେୟାର କରିଛି । ସାର ବିଭାଗ କହିଛି ଯେ ଭାରତର ସାର ସୁରକ୍ଷା ଦୃଢ଼, ସ୍ଥିର ଏବଂ ସୁପରିଚାଳିତ ରହିଛି, ସାମଗ୍ରିକ ଉପଲବ୍ଧତା ସମସ୍ତ ପ୍ରମୁଖ ସାରରେ ଆବଶ୍ୟକତାଠାରୁ ନିରନ୍ତର ଅଧିକ ରହିଛି । ଦେଶରେ ସାରର ସାମଗ୍ରିକ ଷ୍ଟକ୍ ସ୍ଥିତି ପର୍ଯ୍ୟାପ୍ତ ରହିଛି । ଆଗାମୀ ଖରିଫ ୨୦୨୬ ଋତୁ ପାଇଁ, କୃଷି ଏବଂ କୃଷକ କଲ୍ୟାଣ ବିଭାଗ ମୋଟ ସାର ଆବଶ୍ୟକତା ୩୯୦.୫୪ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି) ମୂଲ୍ୟାଙ୍କନ କରିଛି । ଏହି ଆବଶ୍ୟକତା ବିରୁଦ୍ଧରେ, ବର୍ତ୍ତମାନର ଷ୍ଟକ୍ ପ୍ରାୟ ୨୦୦.୧୨ ଏଲଏମଟି ରହିଛି, ଯାହା ମୋଟ ଆବଶ୍ୟକତାର ୫୧% ରୁ ଅଧିକ କଭର କରେ । ଏହା ପ୍ରାୟ ୩୩% ର ସାଧାରଣ ବଫର ସ୍ତର ଅପେକ୍ଷା ଯଥେଷ୍ଟ ଅଧିକ । ଏହି ଦୃଢ଼ ଯୋଗାଣ ସରକାରଙ୍କ ଉନ୍ନତ ଯୋଜନା, ଆଗୁଆ ଷ୍ଟକିଂ ଏବଂ ଦକ୍ଷ ଲଜିଷ୍ଟିକ୍ସ ପରିଚାଳନାକୁ ପ୍ରତିଫଳିତ କରେ । ସାମ୍ପ୍ରତିକ ସଙ୍କଟ ପରିସ୍ଥିତି ପରେ, ଆମଦାନୀ ଏବଂ ଘରୋଇ ଉତ୍ପାଦନର ମିଶ୍ରଣ ମାଧ୍ୟମରେ ମୋଟ ପ୍ରାୟ ୧୧୭.୬ ଏଲଏମଟି ସାର ସାମଗ୍ରିକ ଉପଲବ୍ଧତାରେ ସଫଳତାର ସହିତ ଯୋଡାଯାଇଛି । ଆବଶ୍ୟକତା ସମୟରେ ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ, ଭାରତ ହରମୁଜ୍ ପ୍ରଣାଳୀ (ଏସଓଏଚ୍) ଅଂଚଳରୁ ପ୍ରାୟ ୧୩.୫ ଏଲଏମଟି ଡିଏପି ଏବଂ ୯ ଏଲଏମଟି ଏନପିକେ ସଫଳତାର ସହ ସୁରକ୍ଷିତ କରିଛି । ଏହି ସାମଗ୍ରୀଗୁଡ଼ିକ ମେ ଏବଂ ଜୁନ୍ ମାସରେ ଭାରତୀୟ ବନ୍ଦରଗୁଡ଼ିକରେ ପହଂଚିବା ପାଇଁ ସ୍ଥିର କରାଯାଇଛି । ସାର ବିଭାଗ ନିୟମିତ ଭାବରେ ୟୁରିଆ ଏବଂ ପି ଆଣ୍ଡ କେ ସାର ଭଳି ସାର ଉତ୍ପାଦନ ପାଇଁ ଆବଶ୍ୟକୀୟ ଇନପୁଟ୍ଗୁଡ଼ିକର ଉପଲବ୍ଧତା ସମୀକ୍ଷା କରୁଛି । ଏହା ବ୍ୟତୀତ, ଶିଳ୍ପର କାର୍ଯ୍ୟକ୍ଷମ ଦକ୍ଷତାକୁ ସମର୍ଥନ କରିବା ପାଇଁ, ବିଭାଗ ସପ୍ତାହିକ ଭାବରେ କମ୍ପାନୀଗୁଡ଼ିକ ଦ୍ୱାରା ଉଠାଯାଇଥିବା ସମସ୍ତ ସବସିଡି ବିଲ୍ଗୁଡ଼ିକୁ ନିରନ୍ତର ଭାବରେ ପ୍ରଦାନ କରୁଛି । ଯୋଗାଣ ଶୃଙ୍ଖଳା ସମସ୍ୟାର ସମାଧାନ ପାଇଁ, ଆଜି ପର୍ଯ୍ୟନ୍ତ କ୍ଷମତାପ୍ରାପ୍ତ ସଚିବ ଗୋଷ୍ଠୀର ୯ ଟି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକଗୁଡ଼ିକ ପର୍ଯ୍ୟାପ୍ତ ସାର ଉପଲବ୍ଧତା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଅଧିକାଂଶ ଚ୍ୟାଲେଞ୍ଜଗୁଡ଼ିକୁ ଇଜିଓଏସ୍ ଦ୍ୱାରା ପ୍ରଭାବଶାଳୀ ଭାବରେ ସମାଧାନ କରାଯାଇଛି । ଏହି ବ୍ୟାପକ ପଦକ୍ଷେପଗୁଡ଼ିକର ସଫଳତା ଉପରେ ଆଲୋକପାତ କରି ମନ୍ତ୍ରଣାଳୟ ଉଲ୍ଲେଖ କରିଛି: ଭାରତ ସରକାରଙ୍କ ପ୍ରଭାବଶାଳୀ ପ୍ରୟାସ ଯୋଗୁଁ, ଦେଶରେ ଘରୋଇ ଉତ୍ପାଦନ ନିରନ୍ତର ବୃଦ୍ଧି ପାଉଛି । ଦେଶ ଭିତରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି, ଯାହା କୃଷକମାନଙ୍କର ଆବଶ୍ୟକତାର ନିୟମିତ ପୂରଣକୁ ସୁନିଶ୍ଚିତ କରୁଛି ଏବଂ ସେମାନଙ୍କ ପାଇଁ ସୁଲଭ ମୂଲ୍ୟରେ ସାର ସହଜରେ ଉପଲବ୍ଧ ହେଉଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବର୍ତ୍ତମାନର ଇନ୍ଧନ ଯୋଗାଣ ପରିସ୍ଥିତି ଉପରେ ଏକ ଅପଡେଟ୍ ପ୍ରଦାନ କରିଛି, ଯେଉଁଥିରେ ପଶ୍ଚିମ ଏସିଆର ପରିସ୍ଥିତି ପରିପ୍ରେକ୍ଷୀରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ରୂପରେଖା ଦିଆଯାଇଛି ।

# ଓଡ଼ିଶାରେ ଯୁବସଙ୍ଗମ ପର୍ଯ୍ୟାୟ ଭିଆଇ କାର୍ଯ୍ୟକ୍ରମ ପାଇଁ ଗୁଜୁରାଟ ପ୍ରତିନିଧିମଣ୍ଡଳଙ୍କୁ ନିଟ୍ ରାଉରକେଲା ପକ୍ଷରୁ ସ୍ୱାଗତ




ରାଉରକେଲା: ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ରାଉରକେଲା ଯୁବସଙ୍ଗମ ପର୍ଯ୍ୟାୟ ଭିଆଇ କାର୍ଯ୍ୟକ୍ରମ ଅଧୀନରେ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଅହମ୍ମଦାବାଦର ପାଂଚ ସମନ୍ୱୟକାରୀ ଅଧିକାରୀଙ୍କ ସହିତ ଗୁଜରାଟର ୩୯ ଜଣ ଯୁବ ଅଂଶଗ୍ରହଣକାରୀଙ୍କ ଏକ ପ୍ରତିନିଧିମଣ୍ଡଳକୁ ୬ ଦିନିଆ (୨୫ ମଇ - ୩୦ ମଇ) ଏକ୍ସପୋଜର ଗସ୍ତ ପାଇଁ ଓଡ଼ିଶାକୁ ସ୍ୱାଗତ କରିଛି । ଏହି ପଦକ୍ଷେପ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ପ୍ରମୁଖ 'ଏକ ଭାରତ ଶ୍ରେଷ୍ଠ ଭାରତ ' କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ହେଉଛି । ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ରାଉରକେଲାକୁ ଯୁବସଙ୍ଗମ ପର୍ଯ୍ୟାୟ ୦୦ ପାଇଁ ଓଡ଼ିଶାରୁ ନୋଡାଲ ପ୍ରତିଷ୍ଠାନ ଭାବରେ ମନୋନୀତ କରାଯାଇଛି ଏବଂ ଏହା ଗୁଜୁରାଟର ପ୍ରତିନିଧିତ୍ୱ କରୁଥିବା ନୋଡାଲ ପ୍ରତିଷ୍ଠାନ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଅହମ୍ମଦାବାଦ ସହିତ ସହଯୋଗରେ କାର୍ଯ୍ୟକ୍ରମର ସମନ୍ୱୟ କରୁଛି । ଯୁବସଙ୍ଗମ ଓଡ଼ିଶାର ନୋଡାଲ ଅଧିକାରୀ ପ୍ରଫେସର ଓ୍ୱିନି ରାଉତରାୟଙ୍କ ମାର୍ଗଦର୍ଶନରେ ଘଓଞ୍ଜ ରାଉରକେଲାରେ ଏହି କାର୍ଯ୍ୟକ୍ରମର ସମନ୍ୱୟ କରାଯାଉଛି । ଛାତ୍ରଛାତ୍ରୀଙ୍କ ସହିତ ଆସିଥିବା ଓଓଗ ଅହମ୍ମଦାବାଦର ପ୍ରତିନିଧି ଦଳରେ ସଂଯୋଜକ ଶ୍ରୀଯୁକ୍ତ ରେଭେନ୍ଦ୍ରଭାଗାଭାଘେଲା, ଶ୍ରୀଯୁକ୍ତ ସୁମନ୍ତ ମିଶ୍ର, ଶ୍ରୀମତୀ ଦିବ୍ୟବିଜୁ, ଶ୍ରୀମତୀ ଗୋମଥିମୁଦାଲିଆର ଏବଂ ଶ୍ରୀଯୁକ୍ତ ସୁନୀଲକୁମାର ମନୁଭାଇ ପଟେଲ ସାମିଲ ଥିଲେ । ପରିଦର୍ଶକ ଦଳ ଆଜି ଭୁବନେଶ୍ୱର ତେଜସ ରାଜଧାନୀ ଏକ୍ସପ୍ରେସ ଯୋଗେ ରାଉରକେଲାରେ ପହଂଚିଥିଲେ ଏବଂ ସ୍ଥାନୀୟ କଳାକାର ଏବଂ ସ୍ୱେଚ୍ଛାସେବକଙ୍କ ଦ୍ୱାରା ଲୋକ ଢୋଲ ପ୍ରଦର୍ଶନ ଏବଂ ସାଂସ୍କୃତିକ ଅଭିବାଦନ ସହିତ ପ୍ରତିଷ୍ଠାନ ପରିସରରେ ଏକ ଉଷ୍ମ ପାରମ୍ପରିକ ସ୍ୱାଗତ ଗ୍ରହଣ କରିଥିଲେ । ନିଟ୍ ରାଉରକେଲାର ଅଧାପକ ସଂଯୋଜକ ଏବଂ ଛାତ୍ର ସ୍ୱେଚ୍ଛାସେବକମାନେ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ଦିନରେ, ଛାତ୍ରଛାତ୍ରୀମାନେ ଘଓଞ୍ଜ ରାଉରକେଲାରେ ପ୍ରମୁଖ କ୍ୟାମ୍ପସ ସୁବିଧା ଏବଂ ନବସୃଜନ ଇକୋସିଷ୍ଟମ ଅନୁସନ୍ଧାନ କରିଥିଲେ, ଯେଉଁଥିରେ ଫାଉଣ୍ଡେସନ ଫର୍ ଟେକ୍ନୋଲୋଜି ଆଣ୍ଡ୍ ବିଜନେସ୍ ଇନକ୍ୟୁବେସନ୍ ଏବଂ ଛାତ୍ର କାର୍ଯ୍ୟକଳାପ ସ୍ଥାନ ଅନ୍ତର୍ଭୁକ୍ତ । ଅଂଶଗ୍ରହଣକାରୀମାନଙ୍କୁ ଆନୁଷ୍ଠାନିକ ଭାବରେ ସ୍ୱାଗତ କରିବା ଏବଂ ସଙ୍ଗୀତ ଏବଂ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ପରିଚିତ କରାଇବା ପାଇଁ ପ୍ରତିଷ୍ଠାନରେ ଏକ ସାଂସ୍କୃତିକ ସନ୍ଧ୍ୟାର ମଧ ଆୟୋଜନ କରାଯାଇଥିଲା ।

# ବଢ଼ିଲା ତେଲ ଦର: ପେଟ୍ରୋଲ ୨.୬୧ ଟଙ୍କା, ଡିଜେଲ ୨.୭୧ ଟଙ୍କା ବଢ଼ିଲା




ନୂଆଦିଲ୍ଲୀ: ଗତ ସପ୍ତାହଠାରୁ ପେଟ୍ରୋଲ ଓ ଡିଜେଲ ଦରରେ ନିୟମିତ ବୃଦ୍ଧି ଘଟୁଛି । ସୋମବାର ତେଲ କମ୍ପାନିଗୁଡ଼ିକ ଚତୁର୍ଥ ଥର ପାଇଁ ତେଲ ଦର ବଢ଼ାଇଛନ୍ତି । ପେଟ୍ରୋଲ ଲିଟର ପିଛା ୨ ଟଙ୍କା ୬୧ ପଇସା ଓ ଡିଜେଲ ୨ ଟଙ୍କା ୭୧ ପଇସା ବଢ଼ିଛି । ଏହି ଚାରି ଥରରେ ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦ ଟଙ୍କା ପାଖାପାଖି ବୃଦ୍ଧି ପାଇଛି ଓ ଡିଜେଲ ଦର ୧୦୦ ଟଙ୍କାରୁ ଅଧିକ ହୋଇଛି । ସୋମବାରର ଦରବୃଦ୍ଧି ପରେ ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୧୦୯ ଟଙ୍କା ୧୬ ପଇସା ଓ ଡିଜେଲ ୧୦୦ ଟଙ୍କା ୮୧ ପଇସାକୁ ବୃଦ୍ଧି ପାଇଛି । ପ୍ରିମିୟମ୍ ପେଟ୍ରୋଲ ଲିଟର ୧୧୮ ଟଙ୍କା ୨୭ ପଇସା ରହିଛି । ପୂର୍ବରୁ ଚଳିତ ମାସ ୧୫ରେ ପେଟ୍ରୋଲ ଦର ୩ ଟଙ୍କା ୨୨ ପଇସା ଓ ଡିଜେଲ ୨ ଟଙ୍କା ୧୯ ପଇସା ବଢ଼ିଥିଲା । ମେ ୧୯ରେ ପେଟ୍ରୋଲ ୯୦ ପଇସା ଓ ଡିଜେଲ ୯୬ ପଇସା ବଢ଼ିଥିଲା । ଏହାପରେ ମେ ୨୩ରେ ପେଟ୍ରୋଲ ୮୭ ପଇସା ଓ ଡିଜେଲ ୯୧ ପଇସା ବଢ଼ିଥିଲା । ଏହି ଚାରି ଥରରେ ପେଟ୍ରୋଲ ଲିଟର ପିଛା ୭ ଟଙ୍କା ୬୦ ପଇସା ଓ ଡିଜେଲ ୭ ଟଙ୍କା ୭୭ ପଇସା ମହଙ୍ଗା ହୋଇଛି । ଇରାନ ଯୁଦ୍ଧ ପ୍ରଭାବରେ ଅଶୋଧିତ ତେଲ ଦର ୧୦୦ ଡଲାରରୁ ଅଧିକ ରହିବା ଓ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିୟମ ମୂଲ୍ୟ ୯୬ ଟଙ୍କା ଉପରେ ରହିବାରୁ ଦେଶକୁ ଆମଦାନି କରାଯାଉଥିବା ତେଲ ମହଙ୍ଗା ହୋଇଛି । ତାହା ତେଲ କମ୍ପାନିଗୁଡ଼ିକର କ୍ଷତି ଅସହ୍ୟ ସ୍ତରକୁ ନେଇ ଯାଇଥିଲା । ସେମାନେ ଦିନକୁ ୧୦୦୦ କୋଟି ଟଙ୍କା ହରାଉଥିଲେ । ଦେଶରେ ଚାରିଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବାର କିଛି ଦିନ ପରେ ସରକାର ତେଲ କମ୍ପାନିଗୁଡ଼ିକୁ ଦର ବଢ଼ାଇବାର ଅନୁମତି ଦେଇଥିଲେ । ତାପରଠାରୁ ସେମାନେ ନିୟମିତ ଭାବେ ପେଟ୍ରୋଲ ଓ ଡିଜେଲ ଦର ବଢ଼ାଉଛନ୍ତି । ପେଟ୍ରୋଲ ଦର ବୃଦ୍ଧି କେବଳ କାର ଓ ଦୁଇଚକିଆ ଯାନରେ ଯାତାୟାତ କରୁଥିବା ଲୋକମାନଙ୍କୁ ପ୍ରଭାବିତ କରିଛି । କିନ୍ତୁ ଡିଜେଲ ଦରରେ ହେଉଥିବା ବୃଦ୍ଧି ସମଗ୍ର ଅର୍ଥନୀତିକୁ ପ୍ରଭାବିତ କରିବା କ୍ଷମତା ରଖିଛି । ତାହାର ସବୁଠୁ ବଡ଼ ପ୍ରଭାବ ପରିବହନ ଓ ଗମନାଗମନ କ୍ଷେତ୍ର ଉପରେ ରହିଛି । ଟ୍ରକ୍, ବସ୍, ଅଟୋଠାରୁ ଆରମ୍ଭ କରି ଡିଜେଲ ଜେନେରେଟର ସେଟ୍ ପର୍ଯ୍ୟନ୍ତ ସବୁ ଥିରେ ଡିଜେଲ ବ୍ୟବହାର ହେଉଛି ।

# ୩ ଦିନ ପାଇଁ ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



ଭୁବନେଶ୍ୱର : ପଶ୍ଚିମ ଓଡ଼ିଶା ଜଳୁଛି । ପାଗ ବଦଳୁନି । ଗ୍ରୀଷ୍ମ ତାଉରେ ଜନଜୀବନ ଭାଜି ହୋଇଗଲେଣି । ଆସନ୍ତା ୩ ଦିନ ପାଇଁ ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ । ସମ୍ବଲପୁର, ବଲାଙ୍ଗିର, ବୌଦ୍ଧକୁ ରେଡ୍ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ । ଝାରସୁଗୁଡ଼ା, ନୂଆପଡ଼ା, କଳାହାଣ୍ଡି, ବରଗଡ଼ ଓ ସୋନପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ । ଆସନ୍ତା ୪ ଦିନ ଉପକୂଳରେ ଗୁଳୁଗୁଳି ସହ ପଶ୍ଚିମ ଓଡ଼ିଶାରେ ତାତି ବଢ଼ିବ । ସେହିଭଳି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୩୦ରୁ କାଳବୈଶାଖୀ ଯୋଗୁ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି । ଉପକୂଳବର୍ତ୍ତୀ ଅଂଚଳ ଭୁବନେଶ୍ୱର,କଟକ ଏବଂ ପୁରୀରେ ବାୟୁମଣ୍ଡଳର ତାପମାତ୍ରା ସାମାନ୍ୟ କମ୍ ରହିଲେ ମଧ ଶାରୀରିକ ଅସ୍ୱାଭାବିକତା ଓ ଗୁଳୁଗୁଳି ବହୁତ ଅଧିକ ହେବ । ବଙ୍ଗୋପସାଗରରୁ ପ୍ରଚୁର ପରିମାଣରେ ଆର୍ଦ୍ରତା ପ୍ରବେଶ କରୁଥିବାରୁ ଗରମର ପ୍ରକୃତ ଅନୁଭୂତି ଆହୁରି ବଢ଼ିଯିବ । ତେବେ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ କାଳବୈଶାଖୀ ଜନିତ ସୀମିତ ବର୍ଷା ହୋଇପାରେ । ଏଥିରେ ଗ୍ରୀଷ୍ମ ପ୍ରବାହ ସ୍ଥିତିରେ ବଡ଼ ପରିବର୍ତ୍ତନ ହେବନି । ଆସନ୍ତା ୨୮–୨୯ ପରେ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ଦୁର୍ବଳ ହେବା ସମ୍ଭାବନା ଅଛି ।

# ପ୍ଲେଅଫରେ ପହଂଚିବା ପରେ ପରିବାର ଲୋକଙ୍କୁ ଭେଟିଲେ ବୈଭବ ସୂର୍ଯ୍ୟବଂଶୀ



ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୬ରେ ଏବେ କେବଳ ବୈଭବ ସୂର୍ଯ୍ୟବଂଶୀଙ୍କ ଚର୍ଚ୍ଚା । ତାଙ୍କ ବ୍ୟାଟର କମାଲ ଦେଖୁଛି ସାରା ଦୁନିଆ । ପନ୍ଦର ବର୍ଷୀୟ ବୈଭବ ରାଜସ୍ଥାନ ରୟାଲ୍ସ ପ୍ଲେଅଫରେ ପହଂଚିବା ପରେ ତାଙ୍କ ପରିବାରକୁ ଭେଟିଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସକୁ ଶେଷ ଲିଗ୍ ମ୍ୟାଚ୍ରେ ପରାସ୍ତ କରିବା ପରେ, ରାଜସ୍ଥାନ ରୟାଲ୍ସ ପ୍ଲେଅଫରେ ପହଂଚିବା ପାଇଁ ଚତୁର୍ଥ ଟିମ୍ ପାଲଟିଛି । ୱାଙ୍ଖେଡେ ଷ୍ଟାଡିୟମ୍ରେ ମ୍ୟାଚ୍ ପରେ, ବୈଭବ ତାଙ୍କ ପରିବାର ସହିତ ସମୟ ବିତାଇଥିଲେ, ତାଙ୍କ ବାପା ସଞ୍ଜୀବ ସୂର୍ଯ୍ୟବଂଶୀ ଏବଂ ତାଙ୍କ ଦୁଇ ଭାଇଙ୍କୁ ଭେଟିଥିଲେ । ତାଙ୍କ ବଡ଼ ଭାଇ ଉଜ୍ଜ୍ୱଳ ସୂର୍ଯ୍ୟବଂଶୀ କିଛି ଖାସ୍ ଫଟୋ ସେୟାର କରିଛନ୍ତି । ବୈଭବ ସୂର୍ଯ୍ୟବଂଶୀ ତିନି ଭାଇଙ୍କ ମଧ୍ୟରେ ମଝିଆ । ଆଶୀର୍ବାଦ ସୂର୍ଯ୍ୟବଂଶୀ ତାଙ୍କର ସାନ ଭାଇ । ସେଭଳି ବୈଭବଙ୍କ ବଡ଼ ଭାଇ ହେଉଛନ୍ତି ଉଜ୍ଜ୍ୱଳ ସୂର୍ଯ୍ୟବଂଶୀ । ଉଜ୍ଜ୍ୱଳ ମଧ ଜଣେ କ୍ରିକେଟର, ସେଭଳି ବୈଭବଙ୍କ ସାନ ଭାଇ ମଧ ଭବିଷ୍ୟତରେ ଜଣେ ସଫଳ ଭାରତୀୟ କ୍ରିକେଟର ହେବାକୁ ଇଚ୍ଛା ରଖନ୍ତି । ମୁମ୍ବାଇ ମ୍ୟାଚ୍ ପରେ, ବୈଭବ ତାଙ୍କ ପରିବାରକୁ ଭେଟିଥିଲେ । ଏନେଇ ଉଜ୍ଜ୍ୱଳ ଇନଷ୍ଟାଗ୍ରାମରେ କିଛି ଫଟୋ ସେୟାର କରି ଲେଖିଛନ୍ତି, 'ଏକାଠି ବିତାଇଥିବା କିଛି ସୁନ୍ଦର ଏବଂ ଖୁସିର ମୁହୂର୍ତ୍ତ ।' ଫଟୋ ମିଶନ: ବୈଭବ ତାଙ୍କ ଦୁଇ ଭାଇଙ୍କ ସହିତ । ଗୋଟିଏ ଫଟୋରେ, ତାଙ୍କ ବାପା ବି ରହିଛନ୍ତି । ଆଇପିଏଲ ୨୦୨୬ରେ ବୈଭବ ତାଙ୍କ ଧମାକାଦାର ବ୍ୟାଟିଂରେ ବୋଲରଙ୍କ ଭିତରେ ଆତଙ୍କ ଖେଳାଇ ଦେଇଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଦଳର ନିଶ୍ଚିତ ବିଜୟ ମ୍ୟାଚ୍ରେ କିନ୍ତୁ କମାଲ କରି ପାରିନଥିଲେ ବୈଭବ ।

# ୧୦୦ ମିଟରରେ ରେକର୍ଡ଼ ଭାଙ୍ଗି ଭାରତର ଦ୍ରୁତତମ ଧାବକ ବନିଲେ ଗୁରିନ୍ଦବୀର ସିଂହ



ନୂଆଦିଲ୍ଲୀ : ବିଶ୍ୱ ଦୌଡ଼କୁଦ ଇଭେଂଟରେ ଭାରତ ପାରମ୍ପରିକ ଭାବେ ମେଡାଲ ହାସଲ କରିପାରେ ନାହିଁ । ବିଶେଷ କରି ଦୌଡ଼ ଇଭେଂଟରେ ଭାରତ ପାଖରେ ସେମିତି କେହି ଖେଳାଳି ନଥିଲେ । ହେଲେ ଏହି ସମୟ ଖୁବଶୀଘ୍ର ବଦଳିପାରେ । କାରଣ ଏବେ ଭାରତକୁ ମିଳି ଯାଇଛନ୍ତି ଦେଶର ଆଉ ଜଣେ ଦ୍ରୁତତମ ଧାବକ । ପଞ୍ଜାବରେ ଜନ୍ମିତ ଗୁରିନ୍ଦବୀର ସିଂହ ୧୦୦ ମିଟର ସ୍ପ୍ରିଂଟରେ ଜାତୀୟ ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ରାଂଚିରେ ଆୟୋଜିତ ଫେଡରେସନ କପରେ ସେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ଗୁରିନ୍ଦରବୀର ସିଂହ ୧୦୦ ମିଟର ଦୂରତାକୁ ବେଶ ସହଜରେ ୧୦.୦୯ ସେକେଣ୍ଡରେ ପୂରଣ କରିଛନ୍ତି । ଗ୍ଲାସଗୋରେ ଆୟୋଜିତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ ପାଇଁ ଆଥଲେଟିକ୍ସ ଫେଡରେସନ ଅଫ ଇଣ୍ଡିଆ ୧୦.୧୬ ସେକେଣ୍ଡ ଟାଇମିଂ ଧାର୍ଯ୍ୟ କରିଥିଲା । କିନ୍ତୁ ଏହା ଠାରୁ ଯଥେଷ୍ଟ ଭଲ ଟାଇମିଂରେ ଗୁରିନ୍ଦବୀର ଏହି ରେସକୁ ଶେଷ କରିଛନ୍ତି । ସେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ସହ ୨୦୨୬ ଜାପାନରେ ଆୟୋଜିତ ହେବାକୁ ଥିବା ଏସିଆନ ଗେମ୍ସ ପାଇଁ ମଧ ଟିକେଟ ହାସଲ କରି ନେଇଛନ୍ତି । ଗୁରିନ୍ଦରବୀରଙ୍କ ପୂର୍ବରୁ ଜାତୀୟ ରେକର୍ଡ ଅନିମେଶ କୁଜୁରଙ୍କ ନାଁରେ ଥିଲା । ସେ ସମାନ ପ୍ରତିଯୋଗିତାରେ ୧୦୦ ମିଟିର ଦୂରତାକୁ ୧୦.୧୫ ସେକେଣ୍ଡରେ ପୂରଣ କରିଥିଲେ । କିନ୍ତୁ ଏବେ ଗୁରିନ୍ଦରବୀର ସିଂହ ଭାରତର ଦ୍ରୁତତମ ଧାବକ ବନି ଯାଇଛନ୍ତି । ପଞ୍ଜାବରେ ବଡ଼ ହୋଇଥିବା ଗୁରିନ୍ଦରବୀର ସିଂହଙ୍କ ବାପା ଜଣେ ଅବସରପ୍ରାପ୍ତ ପୁଲିସ୍ କନଷ୍ଟେବଲ । ତାଙ୍କ ନାଁ କମଲଜିତ ସିଂହ । କମଲଜିତ ସିଂହ ଜଣେ ଜାତୀୟସ୍ତରର ଭଲିବଲ ଖେଳାଳି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**